ବର୍ଷ-୨୪, ସଂଖ୍ୟା-୧୮୬
ଭୁବନେଶ୍ୱର
୦୫ ଅଗଷ୍ଟ, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 186
Bhubaneswar
05 August, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଅଲିମ୍ପିକ୍ସ ସେମିରେ ଭାରତୀୟ ହକି ଟିମ




ପ୍ୟାରିସ,୪।୮(ମହାଭାରତ): ରୋମାଞ୍ଚକର ଓ ଛାତି ଧଡ଼ଧଡ଼ କରି ଦେବା ବେଳେ ମ୍ୟାଚରେ ଗ୍ରେଟ ବ୍ରିଟେନକୁ ଶୁଟ ଆଉଟରେ ହରାଇ ପ୍ୟାରିସ ଅଲିମ୍ପିକ୍ସର ସେମିରେ ପ୍ରବେଶ କରିଛି ଭାରତୀୟ ହକି ଟିମ। ୬୦ ମିନିଟର କଡ଼ା ସଂଘର୍ଷ ପରେ ସ୍ଥିତି ୧-୧ରେ ରହିବାରୁ ଶୁଟ ଆଉଟ ହୋଇଥିଲା।

ଶୁଟ ଆଉଟରେ ଭାରତ ୪-୨ରେ ବ୍ରିଟେନକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଏଥିସହ ସ୍ୱର୍ଣ୍ଣ ଜିତିବା ଦିଗରେ ଆଉ ପାଦେ ଆଗେଇଛି। ଭାରତ ଦ୍ୱିତୀୟ କ୍ୱାର୍ଟରରୁ ୧୦ ଜଣ ଖେଳାଳିଙ୍କୁ ନେଇ ଲଢ଼େଇ କରିଥିଲା। କାରଣ ଓଡ଼ିଆ ପୁଅ ଅମିତ ରୋହିଦାସ ରେଡ କାର୍ଡ ପାଇଁ ମ୍ୟାଚ୍ର ୧୭ତମ ମିନିଟରୁ ବାହାରେ ବସିଥିଲେ। ଆଜିର ମ୍ୟାଚରେ ଗୋଲକିପର ପିଆର ଶ୍ରୀଜେଶ ଦମଦାର ପ୍ରଦର୍ଶନ କରିଛନ୍ତି। ଭାରତ ଉପରେ ବ୍ରିଟେନ ଘନଘନ ଆକ୍ରମଣ କରିଥିଲେ ହେଁ ଶ୍ରଜେଶ ସବୁ କିଛି ଚମ୍ତାକର ଢଙ୍ଗରେ ଅଟକାଇ ଦେଇଥିଲେ। ଏଥିସହ ଭାରତକୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସର ସେମିରେ ପହଞ୍ଚାଇ ଦେଇଥିଲେ। ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ଟିମ ୩-୨ରେ ବ୍ରିଟେନକୁ ହରାଇ ସେମିକୁ ଯାଇଥିଲା। ଏହାପରେ ଦୀର୍ଘ ୪୧ ବର୍ଷ ପରେ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଥିଲା।ଏଥର ଦଳ ପଦକ ହାସଲ କରିବା ଠାରୁ ଗୋଟିଏ ବିଜୟ ଦୂରରେ ରହିଛି।

ମ୍ୟାଚର ୨୨ ମିନିଟରେ ପ୍ରଥମେ ଗୋଲ ସ୍କୋର କରିଥିଲା। ଦଳ ପକ୍ଷରୁ ହରମନପ୍ରୀତ ସିଂହ ଗୋଲ ଦେଇଥିଲେ। କିନ୍ତୁ ଦ୍ୱିତୀୟ କ୍ୱାର୍ଟର ସରିବାକୁ ୨ ମିନିଟ ଥିବା ବେଳେ ବ୍ରିଟେନ ଗୋଲ ସ୍କୋର କରି ସ୍ଥିତି ବରବାର କରି ଦେଇଥିଲେ। ହାଫଟାଇମ ସୁଦ୍ଧା ସ୍ଥିତି ୧-୧ ରହିଥିଲା। ଏହା ନକଆଉଟ ଷ୍ଟେଜ ହୋଇଥିବାରୁ ମ୍ୟାଚର ଫଳାଫଳ ପାଇଁ ଶୁଟ ଆଉଟରେ ସହାୟତା ନିଆଯାଇଥିଲା। ଭାରତ କ୍ରମାଗତ ୪ଟି ଗୋଲ କରିଥିବା ବେଳେ ବ୍ରିଟେନ ୨ଟି ମିସ କରିଯାଇଥିଲା। ଫଳରେ ଭାରତ ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରିଥିଲା।

# ରକେଟ୍ ମାଡ଼ ପରେ ଘନେଇଲା ଯୁଦ୍ଧ ଆଶଙ୍କା

ତେଲଅଭିବ,୪।୮(ମହାଭାରତ): ହମାସର ସର୍ବୋଚ୍ଚ ନେତା ଇସମାଇଲ ହାନିଆଙ୍କ ମୃତ୍ୟୁ ପରେ ବିଶ୍ୱ ତୃତୀୟ ବିଶ୍ୱଯୁଦ୍ଧର ପଥରେ ଠିଆ ହୋଇଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିଯାଇଛି। ହାନିଆଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଇରାନ ଏବଂ ଏହାର ସହଯୋଗୀମାନେ ଇସ୍ରାଏଲ ଉପରେ ରକେଟ୍ ମାଡ଼ କରିଛନ୍ତି। ଇସ୍ରାଏଲର ସବୁଠାରୁ ବଡ ସହଯୋଗୀ ଆମେରିକା ଏହାର ଯୁଦ୍ଧ ଜାହାଜ ଏବଂ ଯୁଦ୍ଧ ବିମାନ ମଧ୍ୟ ମଧ୍ୟପ୍ରାଚ୍ୟରେ ନିୟୋଜିତ କରିଛି। ତେବେ ହେଜବୋଲ୍ଲାର ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ଇସ୍ରାଏଲ ବଡ ପଦକ୍ଷେପ ନେବାର ଆଶଙ୍କା ରହିଛି। ଇସ୍ରାଏଲ ଯଦି ପ୍ରତିଆକ୍ରମଣ କରେ ତେବେ ମଧ୍ୟପ୍ରାଚ୍ୟରେ ବଡ଼ ଯୁଦ୍ଧ ହେବ। ଲେବାନନ୍ ସହ ଅନେକ ରାଷ୍ଟ୍ର ଏଥିରେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଲେବାନନ୍ର ଆତଙ୍କବାଦୀ ସଂଗଠନ ହେଜବୋଲ୍ଲା ଆକ୍ରମଣକୁଓହ୍ଲାଇଥିବାବେଳେ ଆଗାମୀ ଦିନରେ ଇରାନ ଏଥିରେ ଯୋଗଦେବା ନିଶ୍ଚିତ।

ଆଜି ଲେବାନନ ପକ୍ଷରୁ ଇସ୍ରାଏଲ ଉପରେ ମିଜାଇଲ ମାଡ଼ କରାଯାଇଛି। ଏହି ସମୟରେ ଯୁଦ୍ଧ ସମୟରେ ବାଜୁଥିବା ସାଇରନ ଶୁଣିବାକୁ ମିଳିଛି। ଲେବାନନର ଆକ୍ରମଣ ପରେ ଇସ୍ରାଏଲ ପୁରା ଦେଶରେ ରେଡ ଅଲର୍ଟ ଜାରି କରିଛି। ହିଜବୁଲା ମୁତାବକ ପ୍ରତିଶୋଧ ପରାୟଣ ହୋଇ ବେତହିଲେଲରେ ଆକ୍ରମଣ ହୋଇଛି ଏବଂ ଲେବାନନରୁ ଇସ୍ରାଏଲ ଉପରେ ଏକ ସାଥୀରେ ୫୦ ମିସାଇଲ ମାଡ କରାଯାଇଛି। ଅନ୍ୟପଟେ ଇସ୍ରାଏଲ ଦାବି କରିଛି ଯେ, ଆଇରନ ଡୋମ ସମସ୍ତ ମିସାଇଲକୁ ବିଫଳ କରିଛି ଏବଂ ଏଥିରେ କୌଣସି ଧନଜୀବନ କ୍ଷତି ହୋଇନାହିଁ।

ହାନିଆଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଇରାନ ପ୍ରତିଶ୍ରୁତି ଦେଇଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନି ମଧ୍ୟ ଏହି ଆକ୍ରମଣକୁ ଅନୁମୋଦନ କରିଛନ୍ତି ଏବଂ ଇରାନ ସେନା ଖୁବଶୀଘ୍ର ଇସ୍ରାଏଲ ଉପରେ ଆକ୍ରମଣ କରିପାରେ ବୋଲି ସୂଚନା ମିଳିଛି। ଇରାନ ଅଗଷ୍ଟ ୧୨ ସୋମବାର ସୁଦ୍ଧା ଆକ୍ରମଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଇସ୍ରାଏଲ ତ୍ରିମୁଖୀ ଯୁଦ୍ଧର ସମ୍ମୁଖୀନ ହେବାକୁ ଯାଉଥିବାବେଳେ ଆମେରିକା ଏହାକୁ



ସହାୟତା ଯୋଗାଇଛି।ମଧ୍ୟପ୍ରାଚ୍ୟରେ ଆମେରିକା ଏହାର ସାମରିକ ଉପସ୍ଥିତିକୁ ବଢାଇଛି। ଆମେରିକା ଏହାର ଯୁଦ୍ଧବିମାନବାହୀ ଯୁଦ୍ଧଜାହାଜ ଆବ୍ରାହମ୍ ଲିଙ୍କନକୁ ମଧ୍ୟପ୍ରାଚ୍ୟରେ ମୁତୟନ କରିଛି।ଏହା ସହିତ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ସଂଯୁକ୍ତ ଯୁଦ୍ଧଜାହାଜ ଓ ଯୁଦ୍ଧବିମାନକୁ ଏଠାକୁ ପଠାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଉତ୍ତେଜନାକୁ ଦେଖି ଆମେରିକା ସମେତ ବ୍ରିଟେନ, ଫ୍ରାନ୍ସ, କାନାଡା, ଭାରତ, ଜୋର୍ଡାନ ଆଦି ରାଷ୍ଟ୍ର ନିଜ ନିଜ ନାଗରିକଙ୍କୁ ସତର୍କ ସୂଚନା ଜାରି କରିଛନ୍ତି। ଏହିସବୁ ଦେଶ ସେମାନଙ୍କ ନାଗରିକଙ୍କୁ ଲେବାନନ୍ ଛାଡି ଚାଲିଆସିବାକୁ ପରାମର୍ଶ ଦେଇଛି।

କେନ୍ଦ୍ର ଇସ୍ରାଏଲ୍ର ହୋଲୋନରେ ପାଲେଷ୍ଟାଇନ ଆତଙ୍କବାଦୀଙ୍କ ଆକ୍ରମଣରେ ଦୁଇଜଣ ନାଗରିକ ପ୍ରାଣ ହରାଇଥିବାବେଳେ ୨ଜଣ ଆହତ ହୋଇଛନ୍ତି। ଇସ୍ରାଏଲର ଜରୁରୀ ସେବା ସଂସ୍ଥା ମାଜେନ ଡାଭିଡ୍ ଆଡୋମର କହିବା ଅନୁଯାୟୀ ରବିବାର ସକାଳେ ଅତେଙ୍କବାଦୀ ଜଣଙ୍କ ଛୁରିରେ ୪ଜଣଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ଜଣେ ୮୦ବର୍ଷୀୟ ବୃଦ୍ଧ ଓ ୬୬ ବର୍ଷୀୟା ବୃଦ୍ଧା ପ୍ରାଣ ହରଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ବୃଦ୍ଧା ଜଣଙ୍କ ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ବୃଦ୍ଧ ଜଣଙ୍କ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ। ହୋଲୋନ ସହରର ଦୁଇଟି ସ୍ଥାନରେ ଏହି ଆକ୍ରମଣ ଘଟିଥିଲା। ଆତଙ୍କବାଦୀ ଜଣଙ୍କ ପୁଲିସ ଗୁଳିରେ ପ୍ରାଣ ହରାଇଛି। ମୃତ ଆତଙ୍କବାଦୀ ହେଉଛି ଅମର ରଜାକ କାମେଲ ଓଡେହ (୩୫)। ସେ ପାଲେଷ୍ଟାଇନର ନାଗରିକ ହୋଇଥିବାବେଳେ ତା ପାଖରେ ଇସ୍ରାଏଲ ବାସସ୍ଥାନର ପ୍ରମାଣପତ୍ର ନାହିଁ।

ମଧ୍ୟପ୍ରାଚ୍ୟ ଦେଶରେ ଯୁଦ୍ଧ ଉତ୍ତେଜନା ଦେଖାଯାଇଥିବାବେଳେ ହମାସ ବିରୋଧରେ ଇସ୍ରାଏଲ ଚଳାଇଥିବା ଯୁଦ୍ଧକ୍ରମରେ ରବିବାର ଗାଜାରେ ୧୫ଜଣଙ୍କର ମୃତ୍ୟୁ ହୋଇଛି। ଗାଜାର ଏକ ସ୍କୁଲ ଉପରେ ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ କରିବାରୁ ହମାସ ଆତଙ୍କବାଦୀ ସଂଗଠନର ଜଣେ ସ୍ଥାନୀୟ କମାଣ୍ଡର ସହିତ ୯ ଆତଙ୍କବାଦୀ ଓ ଅନ୍ୟ ୬ଜଣ ପ୍ରାଣ ହରାଇଛନ୍ତି। ହମାସ କହିଛି ଯେ ଇସ୍ରାଏଲ ଆକ୍ରମଣରେ ଏହାର ଷ୍ଟେବ୍ୟାଙ୍କର ତୁଲକଆର୍ମିସ୍ଥିତ ବ୍ରିଗେଡ କମାଣ୍ଡର ପ୍ରାଣ ହରାଇଛି।ଇସ୍ରାଏଲ ସେନା କହିଛି ଯେ ଗାଜାର ଷ୍ଟେବ୍ୟାଙ୍କରେ ଆତଙ୍କବାଦ ନିରୋଧ ଅଭିଯାନ ଲାଗି କ୍ଷେପଣାସ୍ତ୍ର ମାଡ କରାଯାଇଥିଲା। ସ୍କୁଲରେ ଆତଙ୍କବାଦୀମାନେ ସେମାନଙ୍କ ଶିବିର ଖୋଲି ଆକ୍ରମଣ ଯୋଜନା ଚଳାଇଥିଲେ ।ତେଣୁ ଏହାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା।ଗତବର୍ଷ ଅକ୍ଟୋବରରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଲାଗି ରହିଛି।ସେପଟେ ଆମେରିକାସେଣ୍ଟ୍ରାଲ କମାଣ୍ଡର ଜେନେରାଲ ମାଇକେଲ କୁରିଲା ଶନିବାର ଇସ୍ରାଏଲରେ ପହଞ୍ଚିଛନ୍ତି। ଯଦିଓ ତାଙ୍କର ଏହି ଗସ୍ତକୁ ଏକ ଯୋଜନା ବୋଲି କୁହାଯାଉଛି, ତଥାପି ଏହାକୁ ଇସ୍ରାଏଲର ପ୍ରତିରକ୍ଷାରେ ଶକ୍ତି ସଂଗ୍ରହ କରିବାର ଏକ ପଦକ୍ଷେପ ଭାବେ ଦେଖାଯାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ବଢୁଥିବାରୁ ସତର୍କମୂଳକ ପଦକ୍ଷେପ ନେଇଛନ୍ତି ଆମେରିକା ଓ ବ୍ରିଟେନ। ନିଜ ନିଜ ନାଗରିକଙ୍କୁ ଲେବାନନ ଛାଡ଼ିବାକୁ ବ୍ରିଟେନ ଓ ଆମେରିକା ନିର୍ଦ୍ଦେଶ ଦେଇଛନ୍ତି ।

# ଜନଜାତି ଭୋଟ ଉପରେ ବିଜେପି ନଜର



**ଭୁବନେଶ୍ୱର,୪।୮(ମହାଭାରତ):** ୨୦୨୪ ନିର୍ବାଚନରେ ଜନଜାତି ଭୋଟ୍ ବ୍ୟାଙ୍କକୁ ନିଜ ଅକ୍ତିଆରକୁ ଆଣିପାରିଥିଲା ଭାରତୀୟ ଜନତା ପାର୍ଟି। ସେହିଭଳି ଆଗକୁ ମଧ୍ୟ ଜନଜାତି ଭୋଟକୁ ନିଜ ସପକ୍ଷରେ ରଖିବା ପାଇଁ ଗୋଟିଚାଳନା ଆରମ୍ଭ କରିଛି ଦଳ। ନିର୍ବାଚନରେ ୩୩ଟି ଏସଟି ବିଧାୟକ ସିଟରୁ ୧୮ଟି ସିଟ ଜିତିଥିଲାବେଳେ ୫ଟି ସାଂସଦ ସିଟରୁ ୪ଟିରେ ଜିତିଥିଲା ବିଜେପି। କିନ୍ତୁ ଆଗକୁ ୩୩ ଏସଟି ବିଧାନସଭା ଓ ୫ ଲୋକସଭା ଆସନ ଜିତିବାକୁ କାର୍ଯ୍ୟ କରିବାକୁ ରଣନୀତି କରିଛନ୍ତି ମୁଖ୍ୟମନ୍ତ୍ରୀ।

ଭୁବନେଶ୍ୱରର ଜୟଦେବ ଭବନଠାରେ ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜନଜାତି ମୋର୍ଚ୍ଚା ତରଫରୁ ନବ ନିର୍ବାଚିତ ବିଧାୟକ ଓ ସାଂସଦମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଅତୀତରେ ପଛୁଆ ଶ୍ରେଣୀ ଉପକ୍ଷେିତ, ଅବହେଳିତ ଓ ନିଷ୍ପେସିତ ଅବସ୍ଥାରେ ଥିଲେ। କିନ୍ତୁ ବର୍ତମାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଲୋକଙ୍କ ଦକ୍ଷତାକୁ ଚିହ୍ନି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ କରିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ମୋଦିଜୀଙ୍କ ଦକ୍ଷ ନେତୃତ୍ୱରେ ଭାରତ ଏବେ ସମଗ୍ର ବିଶ୍ୱର ଏକ ଅଗ୍ରଣୀ ଦେଶଭାବେ ନୂଆ ପରିଚୟ ସୃଷ୍ଟି କରିଛି। "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ସବକା ପ୍ରୟାସ" ମୋଦିଜୀ ମନ୍ତ୍ର ଦେଇଛନ୍ତି। ରାଜ୍ୟର ଜନଜାତି ଓ ପଛୁଆ ବର୍ଗଙ୍କୁ ଶିକ୍ଷିତ ଓ ସଚେତନ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ଆଗକୁ ବଢ଼ିବାରେ ସାହାଯ୍ୟ ଓ ସହଯୋଗ କରିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ରାଜ୍ୟ ତଥା ଦେଶର ସନ୍ତୁଳିତ ବିକାଶ ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ତଥା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଓଡ଼ିଶାବାସୀ ଏକଜୁଟ ହେବା ନିତ୍ୟାନ୍ତ ଆବଶ୍ୟକ। ସଂଗଠିତ ହୋଇ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଲଢ଼େଇ କଲେ ବିଳମ୍ବରେ ହେଲେ ବି ସଫଳତା ନିଶ୍ଚିତ ମିଳିଥାଏ। ଗତ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଛି। ଜନଜାତି ସଂପ୍ରଦାୟ ବିଜେପି ପ୍ରତି ଆସ୍ଥା ପ୍ରକଟ କରିବା କାରଣରୁ ଏଥର ସମୁଦାୟ ୩୩ ରୁ ୧୮ ବିଧାନସଭା ଏବଂ ୫ ରୁ ୪ ସାଂସଦ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି । ଆଗାମୀ ଦିନରେ ଜନଜାତିଙ୍କ ବିଶ୍ୱାସଭାଜନ ହୋଇ ସମସ୍ତ ୩୩ ବିଧାନସଭା ଏବଂ ୫ ସାଂସଦ ଆସନ ଜୟଲାଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୋର୍ଚ୍ଚାର କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦେଇଛନ୍ତି।

ଜନଜାତି ମୋର୍ଚ୍ଚାର କାର୍ଯ୍ୟକର୍ତାଙ୍କ ଅକ୍ଲାନ୍ତ ପରିଶ୍ରମ କାରଣରୁ ବିଜେପି ପ୍ରଥମ ଥର ପାଇଁ ସରକାର ଗଠନ କରିଛି । ଆଦିବାସୀଙ୍କୁ କାର୍ଯ୍ୟକରିବାର ସୁଯୋଗ ବିଜେପି ହିଁ ଦେଇଛି। ଏହି ନେତାମାନେ ଆତ୍ମବିଶ୍ୱାସ ସହ ଦଳ ପାଇଁ କାର୍ଯ୍ୟ କରନ୍ତି। ଏଥିପାଇଁ ବିଜେପି ଦଳ ରାଷ୍ଟ୍ରବାଦୀ ଓ ସଂଗଠନରେ ଆଗୁଆ। ଆଦିବାସୀଙ୍କ ଉନ୍ନତି ପାଇଁ ୧୦୦ ଜଣ ଜନସଂଖ୍ୟା ଥିବା ଗାଁକୁ ମଧ୍ୟ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସଂଯୋଗ କରାଯିବା ସହ ଓଡ଼ିଶାର ୧୩ଟି ଆଦିମ ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ସୁନିଶ୍ଚିତ କରାଯାଇଛି। ପ୍ରତି ଅପହଂଚ ଗ୍ରାମ ପଂଚାୟତରେ ଜନଜାତି ଛାତ୍ରଛାତ୍ରୀ +୨ ଶିକ୍ଷା ମାଗଣାରେ ପାଇପାରିବା ଭଳି ଜନକଲ୍ୟାଣକାରୀ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇଛି।

## ମହାନଦୀକୁ ଡେଇଁଲେ ମହିଳା

କଟକ,୪।୮(ମହାଭାରତ): ମହାନଦୀକୁ ଡେଇଁ ପଡ଼ିଲେ ମହିଳା। ଆଉ ତାଙ୍କୁ ସଙ୍ଗେସଙ୍ଗେ ଭରା ନଦୀରୁ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ ମତ୍ସ୍ୟଜୀବୀ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳା ହେଲେ କାମିନୀ ସ୍ୱାଇଁ। ତାଙ୍କ ଘର କଟକ ଅରିଲୋରେ।

ଆଜି ଅପରାହ୍ନରେ କଟକ ଯୋବ୍ରା ବ୍ୟାରେଜକୁ ଆସିଥିଲେ କାମିନୀ ସ୍ୱାଇଁ। ସେଠାରେ କିଛି ସମୟ ଠିଆ ହେବା ପରେ ବ୍ରିଜ୍ ଉପରେ ଭ୍ୟାନିଟ୍ ବ୍ୟାଗ୍, ମୋବାଇଲ, ଚପଲ ଓ ଆଧାରକର୍ଡ଼ ରଖି ଭରା ମହାନଦୀକୁ ଡେଇଁ ପଡ଼ିଲେ। ସେହି ସମୟରେ ନଦୀରେ ମାଛ ଧରୁଥିବା ମତ୍ସ୍ୟଜୀବୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏସସିବିର ନନଟ୍ରମା କାଜୁଆଲଟିରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେପଟେ ଦେଖିବାକୁ ଗଲେ କାମିନୀଙ୍କୁ ମିଶାଇ ୪ ଜଣ ଆତ୍ମହତ୍ୟା କଲେଣି। ଗତ ବୁଧବାର ସକାଳେ କଟକ ଓଡ଼ିଆ ବଜାରର ଶିକ୍ଷୟିତ୍ରୀ ମମତା ସାହୁ ବ୍ରିଜ୍ ଉପରେ ସ୍କୁଟି ରଖି କାଠଯୋଡ଼ିକୁ ଡେଇଁ ପଡ଼ିଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳୁନି। ସେହି ଗେମରେ ହାରି ଋଣଗ୍ରସ୍ତ ହୋଇଯାଇଥିଲେ।

## ବାଂଲାଦେଶରେ ପୁଣି ହିଂସା, ୯୧ ମୃତ

**ଢାକା,୪।୮(ଏଜେନ୍ସି):** ବାଂଲାଦେଶର ରାଜଧାନୀ ଢାକାରେ ଶାସକ ଆୱାମୀ ଲିଗର ସମର୍ଥକ ଏବଂ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଇସ୍ତଫା ଦାବି କରୁଥିବା ବିକ୍ଷୋଭକାରୀଙ୍କ ମଧ୍ୟରେ ରବିବାର ହୋଇଥିବା ସଂଘର୍ଷରେ ୯୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଆହତ ହୋଇଛନ୍ତି ।ଗତମାସରେ ସଂରକ୍ଷଣ ବିରୋଧୀ ବିକ୍ଷୋଭରେ ୨୦୦ରୁ ଅଧିକ ଲୋକ ପ୍ରାଣ ହରାଇବାର କିଛି ଦିନ ପରେ ଏଭଳି ସ୍ଥିତି ଉପୁଜିଛି।

ପୁଣି ହିଂସାକାଣ୍ଡ ପରେ ଭାରତ ବାଂଲାଦେଶରେ ଥିବା ନିଜ ନାଗରିକମାନଙ୍କୁ ଯୋଗାଯୋଗରେ ରହିବା ସହ ସତର୍କ ରହିବାକୁ କହିଛି। ଭାରତୀୟ ସହକାରୀ ହାଇକମିଶନ, ସିଲେଟ ଅଧୀନରେ ରହୁଥିବା ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଭାରତୀୟ ନାଗରିକଙ୍କୁ ଏହି କାର୍ଯ୍ୟାଳୟ ସହ ଯୋଗାଯୋଗରେ ରହିବାକୁ ଅନୁରୋଧ କରାଯାଇଛି ଏବଂ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।




ସୂଚନାଅନୁସାରେ, ବିକ୍ଷୋଭକାରୀମାନେ ସରକାରଙ୍କ ଇସ୍ତଫା ଦାବି କରି ଏକ ଅସହଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ପହଞ୍ଚିଥିଲେ। ଆୱାମୀ ଲିଗ୍, ଛତ୍ର ଲିଗ୍ ଓ ଜୁବୋ ଲିଗ୍ ର କର୍ମକର୍ତ୍ତାମାନେ ଏହାକୁ ବିରୋଧ କରିବା ପରେ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଥିଲା। ଢାକା ଟ୍ରିବ୍ୟୁନ୍ ରିପୋର୍ଟ ଅନୁଯାୟୀ, ମୁନ୍ସିଗଞ୍ଜରେ ବିକ୍ଷୋଭକାରୀ ଓ ଆୱାମୀ ଲିଗ୍ ସମର୍ଥକଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ଅତିକମରେ ୯୧ ଜଣଙ୍କ ମୃତ୍ୟୁ ଘଟଛି।

ସେନା ଯବାନମାନେ ରାଜଧାନୀ ଢାକାର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରୁଥିବା ଲକ୍ଷ୍ୟ କରାଯାଇଛି। ବିକ୍ଷୋଭକାରୀମାନେ ଯେପରି ସରକାରୀ କାର୍ଯ୍ୟାଳୟ କିମ୍ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରତିଷ୍ଠାନ ଆଡକୁ ଅଗ୍ରସର ହୋଇନପାରିବେ, ସେଥିପାଇଁ ଯବାନମାନେ ଏକାଧିକ ପ୍ରମୁଖ ରାସ୍ତାକୁ ଅବରୋଧ କରିଛନ୍ତି। ଉତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ପୁଲିସ ପକ୍ଷରୁ ଲାଠିଚାଳନା ଓ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଉଥିଲେ ସୁଦ୍ଧା ଆଶାନୁରୂପ ସଫଳତା ମିଳିପାରୁନାହିଁ। ହିଂସା ରୋକିବାରେ ପୁଲିସ ଅସମର୍ଥ ହେବାରୁ ସରକାର ଦେଶରେ କର୍ଫ୍ୟୁ (ସାନ୍ଧ୍ୟ ଆଇନ) ଲାଗୁ କରିଥିବାବେଳେ ସେନାକୁ ଆଇନ ଶୃଙ୍ଖଳା ଦାୟିତ୍ୱ ଦିଆଯାଇଛି।

# ୬ ଓ ୭ରେ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା

ଭୁବନେଶ୍ୱର/ସମ୍ବଲପୁର,୪।୮(ମହାଭାରତ): ହୀରାକୁଦ ଡ୍ୟାମର ଆଉ ୮ଟି ଗେଟ୍ ଖୋଲିଛି। ଏବେ ହୀରାକୁଦରୁ ମୋଟ୍ ୧୪ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବା ଜଣାଯାଇଛି।

ଆସନ୍ତା ୬ ଓ ୭ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ କେତେ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ବଜ୍ରପାତ ହୋଇପାରେ। ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଙ୍କୋନାଳ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼ ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ବ୍ରଜପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି।୭ ତାରିଖରେ ଦେବଗଡ଼, ସମ୍ବଲପୁର, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ ଓ କଟକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗିର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୮ ତାରିଖରେ କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ୱାକଫ୍ ଆକ୍ଟରେ ହେବ ସଂଶୋଧନ

ନୂଆଦିଲ୍ଲୀ,୪।୮(ମହାଭାରତ) ୱାକଫ୍ ଆକ୍ଟରେ ହେବ ବଡ଼ ଧରଣର ପରିବର୍ତ୍ତନୟ ଏହାର ପ୍ରମୁଖ ସଂଶୋଧନ କରିବାକୁ ଯାଉଛନ୍ତି ମୋଦି ସରକାରୟ ୱାକଫ ଆକ୍ଟରେ ପ୍ରାୟ ୪୦ଟି ସଂଶୋଧନକୁ କ୍ୟାବିନେଟ ଅନୁମୋଦନ କରିଛି। କେନ୍ଦ୍ର ସରକାର କେଣସି ସମ୍ପତ୍ତିକୁ ୱାକଫ ସମ୍ପତ୍ତି କରିବା ଅଧିକାର ଥିବା ୱାକଫ ବୋର୍ଡର କ୍ଷମତାରେ ଅଙ୍କୁଶ ଲଗାଇବାକୁ ଚାହୁଁଥିବା ସୂଚନା ମିଳିଛି।

୪୦ ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ୱାକଫ୍ ବୋର୍ଡ ଦ୍ୱାରା ସମ୍ପତ୍ତି ଉପରେ ଦିଆ ଯାଇଥିବା ଦାବିଗୁଡିକର ବାଧ୍ୟତାମୂଳକ ଯାଞ୍ଚ ହେବ। ୱାକଫ ବୋର୍ଡର ବିବାଦୀୟ ସମ୍ପତ୍ତି ପାଇଁ ବାଧ୍ୟତାମୂଳକ ଯାଞ୍ଚ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ସୂତ୍ର ଅନୁଯାୟୀ ୱାକଫ ଆକ୍ଟରେ ସଂଶୋଧନ ପାଇଁ ଏକ ବିଲ୍ ଆସନ୍ତା ସପ୍ତାହରେ ସଂସଦରେ ଉପସ୍ଥାପିତ ହୋଇପାରେ।

ସୂତ୍ରରୁ ପ୍ରକାଶ ଯେ, ଅଗଷ୍ଟ ୫ରେ ସରକାର ସଂସଦରେ ୱାକଫ ଆକ୍ଟରେ ସଂଶୋଧନ ବିଲ୍ ଉପସ୍ଥାପନ କରିବାକୁ ଯୋଜନା କରୁଛନ୍ତି। ମୋଦି ସରକାରଙ୍କ ପାଇଁ ଅଗଷ୍ଟ ୫ ତାରିଖର ବିଶେଷ ମହତ୍ତ୍ୱ ରହିଛି। କାରଣ ୫ ଅଗଷ୍ଟ ୨୦୧୯ରେ ଜମ୍ମୁ କଶ୍ମୀରରୁ ଧାରା ୩୭୦ ହଟାଇବାକୁ ବିଲ୍ ସଂସଦରେ ଉପସ୍ଥାପିତ ହୋଇଥିଲା। ଏହା ପରେ, ୫ ଅଗଷ୍ଟ ୨୦୨୦ରେ ଅଯୋଧ୍ୟାରେ ରାମ ମନ୍ଦିର




ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଭୂମି ପୂଜନ କରାଯାଇଥିଲା।ୱାକଫ ବୋର୍ଡର ପ୍ରାୟ ୮.୭ ଲକ୍ଷ ସମ୍ପତ୍ତି ଅଛି। ଅର୍ଥାତ ୱାକଫ ବୋର୍ଡର ସମ୍ପତ୍ତି ପ୍ରାୟ ୯.୪ ଲକ୍ଷ ଏକର। ୨୦୧୩ରେ, କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ମେଳିକ ୱାକଫ ଆକ୍ଟରେ ସଂଶୋଧନ କରି ୱାକଫ ବୋର୍ଡକୁ ଅଧିକ କ୍ଷମତା ପ୍ରଦାନ କରିଥିଲେ। ୧୯୫୪ ମସିହାରେ, ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସରକାର ସମୟରେ ୱାକଫ ଆକ୍ଟ ପାରିତ ହୋଇଥିଲା, ଯାହା ପରେ ଏହାକୁ ସେଣ୍ଟ୍ରାଲାଇଜ୍ କରାଯାଇଥିଲା। ୱାକଫ୍ ଆକ୍ଟ ୧୯୫୪ ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ କାର୍ଯ୍ୟ କରେ। ସେବେଠାରୁ ଏହାକୁ ଅନେକ ଥର ସଂଶୋଧନ କରାଯାଇଛି।

## ଭୁଶୁଡ଼ିଲା ମନ୍ଦିର କାନ୍ଥ, ୯ ପିଲା ମୃତ

ଭୋପାଳ,୪।୮: ମନ୍ଦିରରେ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଘଟିଲା ଅଘଟଣ। ଭୁଶୁଡ଼ି ପଡ଼ିଲା ମନ୍ଦିର କାନ୍ଥ। କାନ୍ଥ ପଡ଼ି ୯ ଜଣ ପିଲାଙ୍କ ମୃତ୍ୟୁ ଘଟିଛି। ସେହିପରି ଅନେକ ଆହତ ହୋଇଛନ୍ତି। ମଧ୍ୟ ପ୍ରଦେଶରେ ଏହି ଘଟଣା ଘଟିଛି। ସାଗର ଜିଲ୍ଲାର ଶାହପୁରରେ ଅଛି ହରଦୌଲ ବାବା ମନ୍ଦିର। ଏଠାରେ ଆଜି ସକାଳେ ଏକ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ହଠାତ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଭଙ୍ଗା କାନ୍ଥ ତଳେ ୯ ଜଣ ପିଲା ଚାପି ହୋଇ ରହି ଯାଇଥିଲେ। ସେମାନଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ବୟସ ୧୦ରୁ ୧୫ ବର୍ଷ ଭିତରେ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। କାନ୍ଥ ପଡ଼ି ଆହତ ହୋଇଥିବା ଅନ୍ୟ କିଛି ପିଲାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶାହପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା।

ଏହି ଘଟଣାକୁ ନେଇ ଶୋକ ବ୍ୟକ୍ତ କରିଛନ୍ତି ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ। ମୃତ ପିଲାମାନଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ସେହିପରି ଆହତମାନେ ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ସେ ଆଶା ରଖିଥିବା କହିଛନ୍ତି।କିଛି ଦିନ ତଳେ ମଧ୍ୟ ପ୍ରଦେଶର ରେୱା ଜିଲ୍ଲାରେ ଏକ ଘରର କାନ୍ଥ ପଡ଼ିଯିବାରୁ ୪ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ବୟସ ୫ରୁ୭ ବର୍ଷ ମଧ୍ୟରେ ଥିଲା। ସେମାନେ ସ୍କୁଲରୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହି ଘଟଣା ପରେ ଉକ୍ତ ଘର ମାଲିକଙ୍କୁ ପୁଲିସ ଗିରଫ କରିଥିଲା।

## କେଦାରନାଥରୁ ଉଦ୍ଧାର ହେଲେ ୪ ଓଡ଼ିଆ

ତେଲକୋଇ,୪।୮(ମହାଭାରତ): ପ୍ରସିଦ୍ଧ ଶୈବପୀଠ କେଦାରନାଥରେ ୪ଦିନ ଧରି ଫସିଥିବା ୪ ଜଣ ଓଡ଼ିଆ। ଶ୍ରଦ୍ଧାଳୁ ରବିବାର ସୁରକ୍ଷିତ ଉଦ୍ଧାର ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳର ଏହି ୪ ଜଣ ଶିବଭକ୍ତଙ୍କୁ ଭୀମତାଲରୁ ହେଲିକପ୍ଟର ଯୋଗେ ସେନାର ଯବାନମାନେ ଉଦ୍ଧାର କରିଛନ୍ତି। ଉଦ୍ଧାର ବ୍ୟକ୍ତିମାନେ ହେଲେ କାର୍ତ୍ତିକେଶ୍ୱର ଖିଲାର, ସଦାନନ୍ଦ ସାହୁ, ମହେଶ୍ୱର ପ୍ରଧାନ ଓ ଋଷିନାଥ ମହାନ୍ତ।



ସୂଚନା ଅନୁସାରେ ଉତ୍ତରାଖଣ୍ଡର ପ୍ରସିଦ୍ଧ ଶୈବପୀଠ କେଦାରନାଥରେ ଜଳାଭିଷେକ ପାଇଁ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଜଗମୋହନପୁର ପଞ୍ଚାୟତ ସରୁଆଲୀ ଗ୍ରାମର କାର୍ତ୍ତିକେଶ୍ୱର ଖିଲାର, ଜଗମୋହନପୁର ଗ୍ରାମର ସଦାନନ୍ଦ ସାହୁ, ଦୋବଲାପାଳ ପଞ୍ଚାୟତ ଚନ୍ଦ୍ରଶେଖରପୁର ଗ୍ରାମର ମହେଶ୍ୱର ପ୍ରଧାନ ଓ ସଦର ଥାନା କେମ୍ପସଡା ଗ୍ରାମର ଋଷିନାଥ ମହାନ୍ତ ଗତ ୨୭ ତାରିଖ ଦିନ ଘରୁ ବାହାରି ଥିଲେ। ୩୧ ତାରିଖ ଜଳଲାଗି କରିବା ପରେ ୧ ତାରିଖ ଫେରିବା ଯୋଜନା ରହିଥିଲା। ୩୧ ତାରିଖ ରାତିରେ ବାଦଲଫଟା ବର୍ଷା ଓ ଭୂସ୍ଖଳନ ଯୋଗୁଁ ଅଟକି ରହିଥିଲେ। ସୋନପ୍ରୟାଗ ଓ ଗୌରୀକୁଣ୍ଡ ମଧ୍ୟରେ ଅବସ୍ଥିତ ରାଜପଥ ଧୋଇ ନେବା ସହିତ ଭୀମତାଲ ଟ୍ରେକ ଲାଇନରେ ଭୂସ୍ଖଳନ ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା। ଫଳରେ ହଜାର ହଜାର ଶ୍ରଦ୍ଧାଳୁ କେଦାରନାଥରେ ଫସିଯାଇଥିଲେ, ଯେଉଁଥିରେ ତେଲକୋଇର ୪ ଜଣ ଥିଲେ। ତେବେ କେଦାରନାଥରେ ୪ ଦିନ ଅଟକିବା ପରେ ଖାଇବା ପିଇବା ରହିବା ଓ ଶ୍ୱାସ କ୍ରିୟାରେ ସମସ୍ୟାରେ ପଡ଼ିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାଜ୍ୟ ସରକାରଙ୍କ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର ପାଇଁ ଉଦ୍ୟମ ହୋଇଥିଲା।

## ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ । କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ । ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ । ଗ୍ୟାସରେ କଡ଼େଇ ବସାଇ ନଡ଼ିଆ କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ । ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ । ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ । ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ । ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଳାନ୍ତୁ୍ୟ ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ । ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ । ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ । କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ । ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା ।



ଖବର

## ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ମୃଣାଲ



ଟିଭି ଇଣ୍ଡଷ୍ଟ୍ରିରୁ କ୍ୟାରିୟର ଆରମ୍ଭ କରି ବଲିଉଡରେ ଲୋକପ୍ରିୟତା ହାସଲ କରିଥିବା ଅଭିନେତ୍ରୀଙ୍କ ମଧ୍ୟରୁ ମୃଣାଲ ଠାକୁର ଅନ୍ୟତମ । ୨୦୧୨ରେ ଟିଭି ଧାରାବାହିକ 'ମୁଝେ କୁଛ୍ କେହତି ହେ ଖାମୋସିୟାଁ' ଜରିଆରେ ସେ ଛୋଟ ପରଦାରେ ଡେବ୍ୟୁ କରିଥିଲେ । ଏହାପରେ ଲୋକପ୍ରିୟ ଧାରାବାହିକ 'କୁମ୍କୁମ୍ ଭାଗ୍ୟ'ର ବୁଲବୁଲ୍ ଚରିତ୍ରରେ ସେ ଅଭିନୟ କରି ପ୍ରସିଦ୍ଧି ପାଇଥିଲେ । ୨୦୧୮ରେ ମୃଣାଲ 'ଲଭ୍ ସୋନିଆ' ଚଳଚ୍ଚିତ୍ର ମାଧ୍ୟମରେ ବଡ଼ ପରଦାରେ ଏଣ୍ଟ୍ରି କରି ନିଜ ନିଖୁଣ ଅଭିନୟ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲେ । ପରେ ସେ 'ସୁପର ୩୦' ଓ 'ବାଟ୍ଲା ହାଉସ' ଫିଲ୍ମରେ ନିଜ ଅଭିନୟର ଯାଦୁ ଦେଖାଇଥିଲେ । ଚାହୁଁ ଚାହୁଁ ବଲିଉଡ୍ର ଶ୍ରେଷ୍ଠ ଅଭିନେତ୍ରୀଙ୍କ ନାମ ମଧ୍ୟରେ ମୃଣାଲଙ୍କ ନାଁ ଅନ୍ତର୍ଭୁକ୍ତ ହୋଇପାରିଥିଲା ।ଅଭିନେତ୍ରୀ ହେବା ନେଇ ମୃଣାଲଙ୍କ ଯାତ୍ରା ଏତେ ସହଜ ନ ଥିଲା । ଜୀବନରେ ଅନେକ ଉତ୍ଥାନ ଓ ପତନ ଦେଖିଥିବା ନେଇ ସେ ଶନିବାର ଏକ ସାକ୍ଷାତ୍କାରରେ କହିଛନ୍ତି । ଏକଦା ମୃଣାଲ ତାଙ୍କ ଜୀବନରେ ଖରାପ ସମୟ ଦେଇ ଗତି କରୁଥିଲେ । ସେତେବେଳେ ତାଙ୍କୁ କୌଣସି କାମ ମଧ୍ୟ ମିଳୁ ନ ଥିଲା । ଫଳରେ ସେ ହତାଶ ହୋଇ ବହୁବାର ଆତ୍ମହତ୍ୟା କରିବାକୁ ଚିନ୍ତା କରିଥିଲେ ବୋଲି ଏହି ସାକ୍ଷାତ୍କାରରେ କହିଛନ୍ତି ।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି । ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ । ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ । ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା ।

♦ ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ । ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ୍ୟ ତିଆରିକରି ପାରିବେ । ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ । ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ ।

♦ ଅଁଳା ଚଟଣି ତିଆରି କରିବା ବହୁତ ସହଜ । ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ । ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ୍ୟ ପ୍ରସ୍ତୁତ କରିପାରିବେ ।

♦ ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ । ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ୍ୟ ସୁସ୍ଥ ରହିଥାଏ ।



## ଖାଆନ୍ତୁ କଦଳୀ ଚୋପା



ପ୍ରତ୍ୟେକ ବୟସରେ କଦଳୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଏହା ଖୁବ ସ୍ୱାଦିଷ୍ଟ ମଧୟ ପୋଷକ ତ□ରେ ଭରପୁର କଦଳୀ, ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ବୋଲି କୁହାଯାଏ । କଦଳୀର ଉପକାରୀ ଗୁଣ ବିଷୟରେ ସମସ୍ତେ ଜଣା । ମାତ୍ର ଏହାର ଚୋପାର ଉପକାରୀ ଗୁଣ ବିଷୟରେ ଜାଣିଛନ୍ତି କି ? ଅଧିକାଂଶ ଲୋକେ ସାଧାରଣତଃ କଦଳୀ ଖାଇବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଆନ୍ତି । ମାତ୍ର ଏହାର ଚୋପା ଆଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ । କଦଳୀ ଓ ଏହାର ଚୋପା ଉଭୟ ସ୍ୱାସ୍ଥ୍ୟ ପାଇଁ ଭିନ୍ନ ଭିନ୍ନ ଉପକାର କରିଥାଏ । ସବୁଜ କଦଳୀ ପାଚନ ଜନିତ ସମସ୍ୟା ଦୂର କରିବା ପାଇଁ ଅଧିକ ପ୍ରଭାବଶାଳୀ । ଏହାସହ ପାଚିଲା କଦଳୀ ଶରୀରକୁ ଅନେକ ସଂକ୍ରମଣରୁ ରକ୍ଷା କରିଥାଏ । କଦଳୀ ଚୋପାରୁ ସ୍ୱାସ୍ଥ୍ୟକର ଜଳଖିଆ ଓ ମିଠା ମଧ୍ୟ ପ୍ରସ୍ତୁତ କରି ହେବ । କଦଳୀର ଭିତର ଅଂଶ ନରମ ଓ ମିଠା ହୋଇଥାଏ । ମାତ୍ର କଦଳୀ ଚୋପାକୁ ସେବନ କରିବା ପୂର୍ବରୁ ଏହାକୁ ଭଲ ଭାବେ ଧୋଇବା ଆବଶ୍ୟକ ।କଦଳୀ ଚୋପାରେ କ୍ୟାଲୋରୀ, କାର୍ବୋହାଇଡ୍ରେଟ, ଶର୍କରା, ଫାଇବର, ପୋଟାସିୟମ, ପ୍ରୋଟିନ, ଭିଟାମିନ ଏ, କ୍ୟାଲସିୟମ ଓ ଆଇରନ ସମେତ ଅନେକ ପୋଷକ ତ□ ରହିଛି । ଏହାର ସେବନ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତ□ ମିଳିଥାଏ । ଏହା ଶରୀରକୁ ମଜଭୂତ କରିଥାଏୟ କଦଳୀ ଚୋପାରେ ଥିବା ଏକ ପ୍ରକାର ପୋଷକ ତ□ ମାନସିକ ସୁସ୍ଥତା ବଜାୟ ରଖେ । ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ । ଶାନ୍ତି ଅନୁଭବ ହୋଇଥାଏ । ଚୋପାରେ ଥିବା ଭିଟାମିନ ବି୬ ଉତ୍ତମ ନିଦରେ ମଧ୍ୟ ସହାୟକ ହୋଇଥାଏ । ମସ୍ତିଷ୍କ ମଧ୍ୟ ସୁସ୍ଥ ରହିଥାଏୟକଦଳୀ ଚୋପାରେ ଫାଇବର ପ୍ରଚୁର ମାତ୍ରାରେ ରହିଛି । ପେଟ ଖରାପ ସମୟରେ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କଦଳୀ ଚୋପା ଖାଇବା ଖୁବ୍ ଉପକାରୀ । ଚକ୍ଷୁକୁ ସୁସ୍ଥ ରଖିବା ପାଇଁ କଦଳୀ ଚୋପାର ସେବନ କରିବା ଉଚିତୟ ଏଥିରେ ଥିବା ଭିଟାମିନ ଏ ଆଖିକୁ ସୁସ୍ଥ, ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ । ଏହି ଭିଟାମିନ କଦଳୀ ଓ ଏହାର ଚୋପା ଉଭୟରେ ପ୍ରଚୁର ମାତ୍ରାରେ ରହିଛିୟକଦଳୀ ଚୋପାରେ ଆଣ୍ଟି-ଅକ୍ସିଡାଣ୍ଟ ମଧ୍ୟ ରହିଛି । କଦଳୀ ଚୋପାର ସେବନ କରିବା ଦ୍ୱାରା ଆଣ୍ଟି-ଅକ୍ସିଡାଣ୍ଟ ସ୍ତର ବୃଦ୍ଧି ହୋଇଥାଏ । ଏହାସହ କର୍କଟ ରୋଗରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ ।

## ମଙ୍ଗଳସୂତ୍ରର ମହତ୍ତ୍ୱ



ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି । ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।

ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୁତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।



## ବାଉଁଶ ଜଳାଯାଏନି, ଜାଣନ୍ତୁ ଏହା ପଛରେ ଥିବା ଧାର୍ମିକ ଓ ବୈଜ୍ଞାନିକ କାରଣ

କୌଣସି ଧାର୍ମିକ ବିଧିବିଧାନ ହେଉ ଅଥବା ସଂସ୍କାରରେ ବାଉଁଶ କେଉଁଠାରେ ବି ଜଳାଇବା କାର୍ଯ୍ୟରେ ଆସେନ । ଯଦିଓ ମଣିଷର ମୃତ୍ୟୁରେ ତାକୁ ବାଉଁଶ କୋକେଇରେ ନେବାର ବିଧି ରହିଛି ହେଲେ ହିନ୍ଦୁ ଧର୍ମରେ ଦାହ କାର୍ଯ୍ୟରେ



କାଠ ବ୍ୟତୀତ ବାଉଁଶର ଉପଯୋଗ ସମ୍ପୂର୍ଣ୍ଣ ବର୍ଜିତ । ହଜାର ହଜାର ବର୍ଷର ଭାରତୀୟ ଧାର୍ମିକ ସଂସ୍କୃତିରେ ଥିବା ବିଧିବିଧାନରେ ବାଉଁଶକୁ ବର୍ଜିତ ରଖା ଯାଇଛି । ତେବେ କେବଳ ଧାର୍ମିକ କାର୍ଯ୍ୟ ଲାଗି ନା ଏହା ପଛରେ ଅନ୍ୟ ବୈଜ୍ଞାନିକ କାରଣ ରହିଛି ସେ ସମ୍ପର୍କରେ ଆସନ୍ତୁ ଜାଣିବାୟ ।

ବାଉଁଶକୁ ଭାରତୀୟ ଧର୍ମ ଶାସ୍ତ୍ରରେ ଜଳେଇବା ନିଷିଧ । ହୋମ ହେଉ କି ଯଜ୍ଞ ଏଥିରେ ବିଭିନ୍ନ କାଠର ଉପଯୋଗ ହୁଏ ହେଲେ ସୁଖିଲା ଥିଲେ ବି ବାଉଁଶକୁ ଏ ସବୁ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏନି । ସେହିପରି ମଣିଷର ମୃତ୍ୟୁରେ ବାଉଁଶକୁ କୋକେଇ କରି ବୋହିନେବାର ବିଧି ରହିଛି । କିନ୍ତୁ ଶ୍ମଶାନରେ କାଠ ବ୍ୟତୀତ ଶବ ପୋଡିବାରେ ବାଉଁଶକୁ କେବେବି ବ୍ୟବହାର କରନ୍ତିନି । ହିନ୍ଦୁ ଧାର୍ମିକ ନିୟମରେ ବାଉଁଶ ଜଳାଇଲେ ଲୋକଙ୍କୁ ପିତୃ ଦୋଷ ଲାଗିଥାଏ ବୋଲି ମାନ୍ୟତା ରହିଛ । ଏଣୁ ଲୋକେ ଦୋଷ ଲାଗିବା ଭୟରେ ବାଉଁଶ ଜଳାନ୍ତିନି । ତେବେ ଏହାର ବୈଜ୍ଞାନିକ କାରଣ ବି ରହିଛି । ତାହା ହେଉଛି ବାଉଁଶରେ ଉପସ୍ଥିତ ଥିବା ଲିଡୟ ବାଉଁଶ ଜଳିଲେ ସେଥିରୁ ଲିଡ ଅକ୍ସାଇଡ ନିର୍ଗତ ହୁଏୟ ଯାହା ନ୍ୟୁରୋଟକ୍ସିକ ବୋଲି ବିଜ୍ଞାନ କୁହେ । ତେବେ ଧୂପ କାଠିରେ ବାଉଁଶ ବ୍ୟବହାର ହେଉଛି । ଏଣୁ ଭାରତୀୟ ଧାର୍ମିକ ବିଧିରେ କେଉଁଠାରେ ହେଲେ ପୂଜାରେ ଅଗରବତୀ ଉପଯୋଗର ନିୟମ ନାହିଁ । ଅଗରବତୀ ଜଳିଲେ ଏଥିରୁ ସୁଗନ୍ଧ ବିଚ୍ଛୁରିତ ହୁଏୟ ହେଲେ ଏହା ସହ ଜଳୁଥିବା ବାଉଁଶ କାଠି ଶାରୀରିକ ସମସ୍ୟାର କାରଣ ପାଲଟିଥାଏ । ବାଉଁଶ ପୋଡା ବାସ୍ପ ନିଶ୍ୱାସରେ ଶରୀରକୁ ପହଞ୍ଚିଯାଏ । ଶରୀରରେ ଏହାର ସାମାନ୍ୟତମ ଉପସ୍ଥିତି କ୍ୟାନସର ଅଥବା ମସ୍ତିଷ୍କାଘାତର କାରଣ ହୋଇପାରେ । ଭାରି ଧାତୁ ପୋଡିଲେ ଲିଡ୍ ଅକ୍ସାଇଡ ନିର୍ଗତ ହୁଏ ।ତେବେ ବାଉଁଶରୁ ମଧ୍ୟ ସେତିକି ପରିମାଣରେ ଏହି ବିଷାକ୍ତ ବାଷ୍ପ ନିର୍ଗତ ହେଉଥିବାରୁ ଜାଳିବା ଲାଗି ବାଉଁଶ ବର୍ଜିତ କରାଯାଇଛ ।

# ବଜେଟ୍‌ରେ ବିକାଶକୁ ମୁଖ୍ୟ ଆଧାର କରାଯାଇଛି

ଭୁବନେଶ୍ୱର,୪।୮ (ମହାଭାରତ): ରାଜ୍ୟରେ ବିଜେପି ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି । ଓଡ଼ିଶାବାସୀଙ୍କ ବିଶ୍ୱାସ ଓ ଭଲ ପାଇବା ପାଇଁ ଏହା ସମ୍ଭବ ହୋଇପାରିଛି । ବିଜେପି ସଂକଳ୍ପପତ୍ରରେ ଯାହା ସବୁ ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିବାପାଇଁ ପ୍ରତିଶ୍ରୁତିବଦ୍ଧ । ବିକାଶକୁ ମୁଖ୍ୟ ଆଧାର କରି ଚଳିତ ଥର ଲୋକାଭିମୁଖୀ ବଜେଟ ପ୍ରସ୍ତୁତ କରାଯାଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ଗଜପତି ଜିଲ୍ଲା ଗସ୍ତରେ ଥିବା ରାଜ୍ୟ ସଭାପତି ଶ୍ରୀ ସାମଲ ଆଜି ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ବିଜେପି ସରକାରର ପ୍ରଥମ କ୍ୟାବିନେଟ ନିଷ୍ପତିରେ ଶ୍ରୀ ମନ୍ଦିରର ଚାରି ଦ୍ୱାର ଖୋଲାଯିବା, ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ, ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ଏବଂ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ ଭଳି ଐତିହାସିକ ନିଷ୍ପତି ନିଆଯାଇ ଚଳିତ ବଜେଟରେ ଅର୍ଥ ବ୍ୟୟବରାଦ କରାଯାଇଛି । ଏଥି ସହ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ରତ୍ନଭଣ୍ଡାର ଖୋଲାଯାଇଛି । ନିର୍ବାଚନ ପୂର୍ବରୁ ସଂକଳ୍ପ ପତ୍ରରେ ଉଲ୍ଲେଖ ହୋଇଥିବା ସମସ୍ତ ପ୍ରତିଶୃତିକୁ ପାଳନ କରିବା ପାଇଁ ଚଳିତ ବଜେଟରେ ଅର୍ଥ ବ୍ୟୟବରାଦ କରାଯାଇଛି । ଗତ ବର୍ଷ ତୁଳନାରେ ଚଳିତ ବଜେଟରେ ୧୫ ପ୍ରତିଶତ ବ୍ୟୟବରାଦ ବୃଦ୍ଧି କରାଯାଇଛି । ଗରିବ, ଯୁବକ, କୃଷକ ଓ ମହିଳାମାନଙ୍କୁ ପ୍ରାଧାନ୍ୟ ଦିଆଯାଇ ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି । ୭୫ ବର୍ଷରେ ଯେଉଁ ମୌଳିକ ସମସ୍ୟା ସମାଧାନ ହୋଇପାରୁନଥିଲା ତାହାର ସମାଧାନ କରିବା ପାଇଁ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି । ଅଚଳ ପଡିଥିବା ଶୀତଳଭଣ୍ଡାରକୁ ସଚଳ କରାଯିବା ସହିତ ଆହୁରି ୫୮ଟି ନୂତନ ଶୀତଳ ଭଣ୍ଡାର ଖୋଲିବା ପାଇଁ ବଜେଟ୍‌ରେ ପ୍ରାବଧାନ ରହିଛି । ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ପ୍ରଧାନମନ୍ତ୍ରୀ ସ୍ୱପ୍ନ ଦେଖିଛନ୍ତି । ତାହାକୁ ପୂରଣ କରିବା ପାଇଁ ରାଜ୍ୟରେ ବିଜେପି ସରକାର ଖାଦ୍ୟ



ପ୍ରୋସେସିଂ ୟୁନିଟ୍ ତିଆରି କରାଯିବ । କୃଷିଭିତିକ ଶିଳ୍ପ ପ୍ରତିଷ୍ଠା କରାଯିବ । ଚାଷୀମାନଙ୍କ ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିବାରେ ସରକାର ସବୁପ୍ରକାର ସହାୟତା ଯୋଗାଇଦେବେ । ପିଡିଏସ୍ ସିଷ୍ଟମ୍ ଅଧିକ ମଜବୁତ କରାଯିବ । ଚାଷୀମାନେ ଯେପରି ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ୍ ମୂଲ୍ୟ ପାଇପାରିବେ, ସେଥିପାଇଁ ବ୍ୟବସ୍ଥା କରାଯିବ । ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ । ଓଡ଼ିଶାରେ ୧୭ ଭାଗ ଜଳସେଚିତ ଜମି ଅଛି ତାହାକୁ ୧୦୦ ପ୍ରତିଶତ କରିବା ପାଇଁ ସ୍ଥିର କରାଯାଇଛି । ପ୍ରଧାନମନ୍ତ୍ରୀ ଜଳସେଚନ ଯୋଜନାର ଅର୍ଥ ଓ ରାଜ୍ୟ ବଜେଟ୍‌ରେ ହୋଇଥିବା ଅର୍ଥକୁ ମିଶାଇ ଏଥିପାଇଁ ବ୍ୟବସ୍ଥା କରାଯିବ । ଜଳସେଚନ ପାଇଁ ଏକ ବଡ ପ୍ୟାକେଜ କରାଯିବ । ଏନେଇ ଚେକ୍ ଡ୍ୟାମଠାରୁ ଆରମ୍ଭ କରି ବୃହତ ଜଳସେଚନ ପ୍ରକଳ୍ପ ଆଦି ନିର୍ମାଣ କରାଯିବ । ଯେଉଁ ଚାଷୀମାନେ କିସାନ ସମ୍ମାନ ଯୋଜନା ବଂଚିତ ହୋଇଛନ୍ତି ସେମାନଙ୍କୁ ଚିହ୍ନଟ କରି ଏହି ଯୋଜନା ସହ ଯୋଡ଼ାଯିବ ବୋଲି ଶ୍ରୀ ସାମଲ କହିଛନ୍ତି ।

ମା' ଭଉଣୀମାନଙ୍କ ପାଇଁ ରାଜ୍ୟରେ ସୁଭଦ୍ରା ଯୋଜନା ଲାଗୁ ହୋଇଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୨୫ ଲକ୍ଷ ଲକ୍ଷପତି ଦିଦି କରିବା ପାଇଁ ଓଡ଼ିଶା ସରକାର ଲକ୍ଷ୍ୟ ରଖିଛନ୍ତି । ଏନେଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସବୁପ୍ରକାର ସହାୟତା ଯୋଗାଇ ଦିଆଯିବ । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତଭାବେ କାର୍ଯ୍ୟ କରୁଛନ୍ତି । ଯୁବକମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି । ଏନେଇ ସବୁ ସ୍କୁଲରେ ଶିକ୍ଷକ ନିଯୁକ୍ତି କରାଯିବା ସହ ଖାଲି ପଡ଼ିଥିବା ସରକାରୀ ପଦବୀଗୁଡ଼ିକ ପୁରଣ କରାଯିବ । ପ୍ରତି କ୍ୟାଲେଣ୍ଡର ବର୍ଷରେ ୧ ଲକ୍ଷ ଚାକିରି ସୃଷ୍ଟି କରାଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ପୂର୍ବ ସରକାର ଅମଳରେ ଖଣିଜ ସମ୍ପଦ ଶାଗ ମାଛ ଦରରେ ବିକ୍ରି ହେଉଥିଲା । ମାତ୍ର ବିଜେପି ସରକାରରେ ସେପରି ହେବନାହିଁ । ଶିଳ୍ପ ପ୍ରତିଷ୍ଠା ଉପରେ ଆମ ସରକାର ଅଧିକ ଗୁରୁତ୍ୱ ଦେଉଛି । ଯେଉଁମାନେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବେ ସେମାନଙ୍କୁ ସମସ୍ତ ପ୍ରକାର ଭିତିଭୂମି ସହ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏନେଇ ରାଉରକେଲାରୁ ଧାମରା କରିଡର ଓ ଅନୁଗୁଳ କଳିଙ୍ଗନଗର ଦେଇ ପାରାଦୀପ କରିଡର କରାଯିବ । ଫଳରେ ଯୁବକମାନେ ଅଧିକ କର୍ମସଂସ୍ଥାନ ପାଇପାରିବେ । ଏହାଦ୍ୱାରା ୧ ଲକ୍ଷରୁ ଅଧିକ ଯୁବକ ନିଯୁକ୍ତି ପାଇପାରିବେ । ସବୁଠାରୁ ଅଧିକ ନିଯୁକ୍ତି ପର୍ଯ୍ୟଟନ କ୍ଷେତ୍ରରେ ସୃଷ୍ଟି ହେବ।

# ଇରାକରୁ ଫେରିଲେ ଫସିଥିବା ଓଡିଆ ଯୁବକ

ଭୁବନେଶ୍ୱର,୪।୮ (ମହାଭାରତ): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡାଙ୍କ ହସ୍ତକ୍ଷେପ ପରେ ଇରାକରେ ଫସିଥିବା ଓଡିଆ ଯୁବକ ବିମଳ ରଣଜିତ ଆଜି ନିଜ ଘରକୁ ଫେରିଛନ୍ତି। ବିମଳଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଗତ ଜୁଲାଇ ୨୨ ତାରିଖରେ ଚିଠି ଲେଖି ନିବେଦନ କରିଛନ୍ତି। ପୁରୀ ଜିଲ୍ଲାର ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ବେଢାତଣ୍ଡୁଳ ଗ୍ରାମର ସ୍ୱର୍ଗତ ବିଜୟ ରଣଜିତଙ୍କ ସାନପୁଅ ବିମଳ ଫେବୃଆରୀ ୨୦୨୩ରୁ ଇରାକର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ୨୫ ଜୁନ ୨୦୨୪ ରୁ ବିମଳ ସେଠାରେ ଅସୁସ୍ଥ ହୋଇପଡିଥିଲେ ମଧ କମ୍ପାନୀ କର୍ତୃପକ୍ଷ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେଉନଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ବିମଳଙ୍କ ଭିସା ଅବଧି ୨୩ ଜାନୁଆରୀ ୨୦୨୪ ରୁ ସାରିଯାଇଥିଲେ ମଧ କମ୍ପାନୀ କର୍ତୃପକ୍ଷ ଭିସା ନବୀକରଣ ନକରାଇ ୪ ମାସର ଦରମା ନଦେଇ ଶାରୀରିକ ନିର୍ଯ୍ୟାତନା ଦେବାସହ ବିଭିନ୍ନ କାମରେ ନିୟୋଜିତ କରିଛନ୍ତି।

ଶେଷରେ ପରିବାର ଲୋକ ବିମଳଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀଯୁକ୍ତ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ। ବିମଳାଙ୍କ ଫେରିବା ପରେ ପରିବାର ଲୋକ ଶ୍ରୀ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନନ୍ଦନକାନନରେ ୪୨୭୫ ବନ୍ୟପ୍ରାଣୀ

ଭୁବନେଶ୍ୱର,୪।୮ (ମହାଭାରତ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୬୭ ପ୍ରଜାତିର ୪୨୭୫ଟି ବନ୍ୟପ୍ରାଣୀ ଅଛନ୍ତି। ତନ୍ମଧ୍ୟରୁ ୭୮ ପ୍ରଜାତିର ୧୮୭୬ଟି ପକ୍ଷୀ, ୫୨ ପ୍ରଜାତିର ୨୦୨୧ଟି ସ୍ତନ୍ୟପାୟୀ, ୩୦ ପ୍ରଜାତିର ୩୫୭ଟି ସରୀସୃପ ଓ ୬ ପ୍ରଜାତିର ୨୧ଟି ଉଭୟଚର ପ୍ରାଣୀ ଅଛନ୍ତି । ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା, ପରିଚ୍ଛନ୍ନତା ଓ ଉତ୍ତମମାନର ଖାଦ୍ୟ ଯୋଗାଇ ଦିଆଯାଇଥାଏ।




ପଶୁପକ୍ଷୀମାନଙ୍କ ସ୍ୱାସ୍ଥ୍ୟର ଦାୟିତ୍ୱ ନିମନ୍ତେ ନନ୍ଦନକାନନର ନିଜସ୍ୱ ଏକ ଅତ୍ୟାଧୁନିକ ପଶୁ ଚିକିତ୍ସାଳୟ ମଧ୍ୟରେ ପ୍ରୟୋଗଶାଳା ଏବଂ ଅସ୍ତ୍ରୋପଚାର ଗୃହ ସ୍ଥାପନ କରାଯାଇଛି। ୩ ଜଣ ଅଭିଜ୍ଞ ପ୍ରାଣୀ ଚିକିତ୍ସକ ଏବଂ ଆବଶ୍ୟକ ସହକାରୀଙ୍କ ଜରିଆରେ ବନ୍ୟପ୍ରାଣୀମାନଙ୍କର ରକ୍ଷଣାବେକ୍ଷଣ ଏବଂ ଚିକିତ୍ସା କରାଯାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ବୈଷୟିକ କମିଟି ସଭ୍ୟଙ୍କର ପରାମର୍ଶ ଓ ସହାୟତାରେ ପ୍ରାଣୀଙ୍କର ଚିକିତ୍ସା କରାଯାଉଛି। ପଶୁପକ୍ଷୀଙ୍କ ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ବନାଞ୍ଚଳ ଅଧିକାରୀଙ୍କ ସହିତ ବନପାଳ, ବନରକ୍ଷୀ ଓ ୫୦ ଜଣ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ଦିବାରାତି ପହରା ଦିଆଯାଉଛି । ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଇଛି। ବଂଶବୃଦ୍ଧି ପାଇଁ ପ୍ରାକୃତିକ ପରିବେଶ ବିଶିଷ୍ଟ ଖୁଆଡ଼ରେ ରଖାଯାଉଛି। ଯାହାକି ସେମାନଙ୍କର ପ୍ରଜନନରେ ସହାୟକ ହେଉଛି। ନନ୍ଦନକାନନରେ ମା' ଆଦରୁ ନଥିବା ପ୍ରାଣୀମାନଙ୍କୁ ପାଳନ ପାଇଁ ଏକ ଅତ୍ୟାଧୁନିକ ଶାବକ ପାଳନ କେନ୍ଦ୍ର କାର୍ଯ୍ୟକ୍ଷମ ଅଛି। ପଶୁ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରାଣୀମାନଙ୍କର ପ୍ରଜନନ ଆଚରଣ, ଗତିବିଧିକୁ ଅନୁଧ୍ୟାନ କରାଯାଇ ବିହିତ ପଦକ୍ଷେପ ନିଆ ଯାଉଛି ବୋଲି ମଙ୍ଗଳବାର ବିଧାନସଭାରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ।।

# ଅର୍ଥନୈତିକ ଦୃଷ୍ଟିରୁ ମହିଳାମାନେ ସ୍ୱାବଲମ୍ବୀ ହେବା ଦରକାର

ଭୁବନେଶ୍ୱର,୪।୮ (ମହାଭାରତ): ଆଜିର ସମୟରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ତେଣୁ ଅର୍ଥନୈତିକ ଦୃଷ୍ଟିରୁ ମହିଳାମାନେ ସ୍ୱାବଲମ୍ବୀ ହେବା ଦରକାର। ଫଳରେ ଦେଶ ତଥା ରାଜ୍ୟର ସାମଗ୍ରିକ ବିକାଶ ସମ୍ଭବପର ହୋଇପାରିବ। ଏ ଦିଗରେ ସମସ୍ତେ ମିଳିମିଶି ମହିଳାମାନଙ୍କୁ ସହଯୋଗ କରିବାର ଆବଶ୍ୟକତା ରହିଛି। ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ (ୟୁସିସିଆଇଏଲ୍) 'ଲେଡିଜ୍ ଫୋରମ'ର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଶନିବାର ଦିନ ଭୁବନେଶ୍ୱରସ୍ଥିତ ୟୁସିସିଆଇ ପରିସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ଲେଡିଜ ଫୋରମ ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶଂସା କରିଥିଲେ।



ସେ ଆହୁରି କହିଥିଲେ ଯେ, ପୁରୁଷମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନାରୀବାଦର ଅର୍ଥ ନୁହେଁ। ସେମାନଙ୍କ ସହ ଯୋଡ଼ିହୋଇ ଆପୋଷ ସହଯୋଗିତାରେ ବିଭିନ୍ନ କାର୍ଯ୍ୟ କଲେ ହିଁ ଏକ ସମୃଦ୍ଧ ତଥା ସୁନ୍ଦର ସମାଜ ଗଠନ କରିବା ସମ୍ଭବ ହୋଇପାରିବ। ୟୁସିସିଆଇଏଲ୍ ଲେଡିଜ ଫୋରମର ସଭାପତି ପ୍ରଣତି ପରିଡ଼ା ଅତିଥି ଏବଂ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଭୁବନେଶ୍ୱର-ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ତନ୍ଦ୍ରା ରାୟ, ଭୁବନେଶ୍ୱର ସିଟି ନଲେଜ ଇନୋଭେସନ କ୍ଲଷ୍ଟରର (ବିସିକେଆଇସି) ସିଇଓ ଡକ୍ଟର ନମ୍ରତା ମିଶ୍ର ଏବଂ ୟୁସିସିଆଇଏଲର ଭାରପ୍ରାପ୍ତ ସଭାପତି ତାରିଣୀ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ଓଡ଼ିଶା ଏକ ସମୃଦ୍ଧ ବାଣିଜ୍ୟ ପରମ୍ପରା ପାଇଁ ପରିଚିତ। ଆଜି ଆମ ଯୁବପିଢ଼ିଙ୍କ ପାଖରେ ଅଭିନବ ଓ ଉଦ୍ଭାବନଶୀଳ ମନୋଭାବ ସହିତ ବିଶ୍ୱସ୍ତରୀୟ ଦକ୍ଷତା ମଧ ରହିଛି। ତେଣୁ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗକରି ଆଗାମୀକାଲିର ଉଦ୍ୟୋଗ ବିକାଶ ଲାଗି ଓଡ଼ିଶା ଏକ ପ୍ରମୁଖ କ୍ଷେତ୍ର ହୋଇପାରିବ। ବିଶେଷକରି, ସବୁ କ୍ଷେତ୍ର ଭଳି ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ମହିଳାମାନଙ୍କୁ ଆବଶ୍ୟକ ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେମାନେ ନୂଆ ଉଚ୍ଚତାକୁ ଛୁଇଁ ପାରିବେ,' କହିଛନ୍ତି ୟୁସିସିଆଇଏଲ୍ ଲେଡିଜ ଫୋରମର ସଭାପତି ପ୍ରଣତି ପରିଡ଼ା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୪ ଜଣ ନାରୀ ପ୍ରତିଭାଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଲେଖିକା ତଥା ସମାଜସେବୀ ଶୈଳଜା କୁମାରୀ ଅପରାଜିତା ମହାନ୍ତି, ଟେଲିଭିଜନ ସାମ୍ବାଦିକ ମୌସୁମୀ ମହାନ୍ତି, ରାଜ୍ୟସ୍ତରୀୟ ଭଲିବଲ କୋଚ୍ ସୁଷମା ନନ୍ଦ ଏବଂ ଦୃଷ୍ଟିବାଧିତ ଗାୟିକା ଆଶା ବାହାଦୁର ଗୁରୁମ। ଏହି ଅବସରରେ ୟୁସିସିଆଇଏଲର କର୍ମକର୍ତ୍ତାମାନଙ୍କୁ ଫୋରମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲେଡିଜ ଫୋରମ ସହ ଉତ୍କଳ ଚାମ୍ବରର ବରିଷ୍ଠ ସଦସ୍ୟ, ରାଜ୍ୟର ପ୍ରମୁଖ ଶିଳ୍ପଦ୍ୟୋଗୀ ତଥା ଗଣମାଧ୍ୟମ ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ।

# ଇମେଜିଂ ପାର୍ସିଆଲି ଷ୍ଟାକଡ୍ ସେନସର୍‌ର ବଜାର ପ୍ରବେଶ

ଭୁବନେଶ୍ୱର,୪।୮ : ନିକନ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ନିକନ୍ କର୍ପୋରେସନର ୧୦୦% ସହାୟକ କମ୍ପାନୀ, ଆଜି ଭୁବନେଶ୍ୱରର ଲେମନ୍ ଟ୍ରି ପ୍ରିମିୟରରେ ବହୁ ପ୍ରତୀକ୍ଷିତ ଜ୬ଓଓର ବଜାର ପ୍ରବେଶ କରାଇଛି। ନିକନ୍ ଇଣ୍ଡିଆ ଫୁଲ ଫ୍ରେମ୍ ମିରରଲେସ୍ କ୍ୟାମେରା ପୋର୍ଟଫୋଲିଓ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ ଯାହା ଫଟୋଗ୍ରାଫି ସହିତ ଫଟୋଗ୍ରାଫିର କଳାକୁ ରିଡିଫାଇନ କରିଥାଏ। ଜ୯ ଏବଂ ଜ୮ ମଡେଲଗୁଡିକରୁ ବୈଶିଷ୍ଟ୍ୟଗୁଡିକ ଇନ-କ୍ୟାମେରା 'ର' ଏବଂ ଏନ-ଲଗ୍ ଭିଡିଓ ଏବଂ ଏକ୍ସପିଡ୍-୭ ପ୍ରୋସେସର ଦ୍ୱାରା ଉଚ୍ଚ-କାର୍ଯ୍ୟଦକ୍ଷତା ଏବଂ ଶିଳ୍ପ ଅଗ୍ରଣୀ ନିର୍ଦ୍ଦିଷ୍ଟତା ପ୍ରଦାନ କରିଥାଏ। ଜ୬ଓଓ ବିଶ୍ୱର ସର୍ବପ୍ରଥମ ପାର୍ସିଆଲି ଷ୍ଟାକଡ୍ ସିଏମ୍ଓଏସ୍ ସେନସର୍ ଏବଂ ଏକ ଅଭୂତପୂର୍ବ କାର୍ଯ୍ୟଦକ୍ଷତା ପାଇଁ ଉନ୍ନତ ଅଟୋ ଫୋକସ ସାମର୍ଥ୍ୟ ସହିତ ସଜ୍ଜିତ ଏବଂ ଆଉଟପରଫର୍ମ ପାଇଁ ପ୍ରସ୍ତୁତ।

ଏହି ଅବସରରେ ମନ୍ତବ୍ୟ ଦେଇ ନିକନ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସଜନ୍ କୁମାର କହିଲେ, ଆମେ ଜ୬ଓଓର ବଜାର ପ୍ରବେଶ କରି ବେଶ୍ ଆନନ୍ଦିତ। ଏହା ଏକ ଉଚ୍ଚ କାର୍ଯ୍ୟ ଦକ୍ଷତା ଫୁଲ୍ ଫ୍ରେମ୍ ମଧ୍ୟମ ସେଗମେଂଟ୍ କ୍ୟାମେରା ଯାହା ଜ୮ ଏବଂ ଜ୯ ମଡେଲରୁ ଇନହେରିଟସ୍ ନବୀକରଣ ଦ୍ୱାରା ଆଣିଛି। ଜ୬ଓଓର ଅତୁଳନୀୟ ବୈଶିଷ୍ଟ୍ୟ ଏବଂ ଅଦୃଶ୍ୟ କାର୍ଯ୍ୟଦକ୍ଷତା ବୃତିଗତ ଏବଂ ଉତ୍ସାହୀମାନଙ୍କ ପାଇଁ ଭିଡିଓଗ୍ରାଫି ଏବଂ ଫଟୋଗ୍ରାଫି କ୍ଷେତ୍ରକୁ ରିଡିଫାଇନ୍ କରିବାକୁ ପ୍ରସ୍ତୁତ। ଯେଉଁମାନେ ସୀମା ବାହାରେ ଏବଂ ଚମତ୍କାର ଭିଜୁଆଲ୍ ସହିତ ସେମାନଙ୍କ କାହାଣୀ କହିବାକୁ ପ୍ରସ୍ତୁତ ହୋଇଥାନ୍ତି।

# ନନ୍ଦିନୀ ଶତପଥୀ ଥିଲେ ଓଡ଼ିଶାର ବହ୍ନିକନ୍ୟା

ଭୁବନେଶ୍ୱର,୪।୮ (ମହାଭାରତ): ଛାତ୍ରୀଜୀବନରୁ ବାମପନ୍ଥୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ଛାତ୍ର ସଂଗଠନ କରିଥିବା ଛାତ୍ରନେତ୍ରୀ, ପ୍ରଥମ ମହିଳା କେନ୍ଦ୍ର ମନ୍ତ୍ରୀ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ସୁଲେଖିକା, ରାଜ୍ୟର ନାରୀ ଜାଗରଣ ଓ ସଶକ୍ତିକରଣର ପ୍ରତୀକ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଅଷ୍ଟାଦଶ ବାର୍ଷିକ ପୁଣ୍ୟତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅପଣ କରାଯାଇଅଛି । ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନାଗାନ କରିଥିବା




ବେଳେ ବିଭିନ୍ନ ସମୟରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପ୍ରଫୁଲ୍ଲ ସାମଲ୍, ଶଶିଭୂଷଣ ବେହେରା, ପ୍ରାଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ସୁବକ୍ତା ପ୍ରବୀର ମହାନ୍ତି, ଅଶ୍ୱିନୀ ପଟ୍ଟନାୟକ, ଅମିତ୍ ପାତାଳସିଂହ, ବିଜୟ ସାହୁ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ରଙ୍କ ସହିତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଓଡ଼ିଶାର ରାଜନୈତିକ ଇତିହାସରେ ନନ୍ଦିନୀଦେବୀଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସେ ଏକମାତ୍ର ମହିଳା ନେତ୍ରୀ ଯେ ଜୀବନରେ ୧୯୭୪ ଠାରୁ ୧୯୯୫ ମସିହା ପର୍ଯ୍ୟନ୍ତ କ୍ରମାଗତ ଭାବରେ ବିଭିନ୍ନ ଦଳରୁ ଢେଙ୍କାନାଳ ଓ ଗଁଦିଆ ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବରେ ନିର୍ବାଚିତ ହୋଇଥିଲେ । ଜଣେ ଲେଖିକା ଭାବରେ ସମାଜର ସ୍ୱରକୁ ତାଙ୍କ ଲେଖାରେ ପ୍ରଦର୍ଶିତ କରୁଥିଲେ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବେଦାନ୍ତ ପକ୍ଷରୁ ସ୍ୱେଚ୍ଛାସେବୀ ସପ୍ତାହ

ଭୁବନେଶ୍ୱର,୪।୮ : ବେଦାନ୍ତ ସେସା ଆଇରନ ଓର ଓଡିଶା ଏହାର କର୍ମଚାରୀ ସ୍ୱେଚ୍ଛାସେବୀ ସପ୍ତାହ ୨୦୨୪-୨୫ କୁ ସଫଳତାର ସହ ସମାପ୍ତ କରିଛି। ଏହା ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଯାହାକି ସକାରାତ୍ମକ ସାମାଜିକ ପରିବର୍ତନ ପାଇଁ କର୍ମଚାରୀ ଏବଂ ସ୍ଥାନୀୟ ଗୋଷ୍ଠୀର ସଦସ୍ୟମାନଙ୍କୁ ଏକତ୍ର କରି ପାରିଥିଲା। ଏହି ବର୍ଷର କାର୍ଯ୍ୟକଳାପଗୁଡିକ ସମାଜକୁ 'ଫେରାଇବା' ଏହାର ମୂଳ ଦର୍ଶନ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇଥିଲ। ଏହା ଯୋଗ୍ୟ ସେବା କରାଯାଉଥିବା ସ୍ଥାନୀୟ ଗୋଷ୍ଠୀଙ୍କ ଉପରେ ସ୍ଥାୟୀ ପ୍ରଭାବ ସୃଷ୍ଟି କରି ପାରିଥିଲା।

ଏହି ସପ୍ତାହ ମଧ୍ୟରେ, ବେଦାନ୍ତ କର୍ମଚାରୀମାନେ ଆଠଟି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାମୂହିକ ଭାବରେ ସ୍ଥାନୀୟ ଗୋଷ୍ଠୀର ଯୋଗଦାନ ପାଇଁ ୫୯ ଘଂଟା ଉତ୍ସର୍ଗ କରିଥିଲେ। ଏହି ପଦକ୍ଷେପ ପ୍ରାୟ ସ୍ଥାନୀୟ ଗୋଷ୍ଠୀର ୩୫୦ ସଦସ୍ୟଙ୍କ ନିକଟରେ ପହଂଚିଥିଲ। ଯାହା ସାମାଜିକ କଲ୍ୟାଣ ଉପରେ ସାମୁହିକ ପ୍ରୟାସର ଗଭୀର ପ୍ରଭାବକୁ ଦର୍ଶାଇଥିଲା। ଏହି ସପ୍ତାହର ମୁଖ୍ୟ ଆକର୍ଷଣ ଥିଲା ବେଦାନ୍ତର ଖାନା ଖାୟା କ୍ୟା ଅଭିଯାନ। ଏହା ଅନ୍ତର୍ଗତ ଆଙ୍ଗାନୱାଡିରେ ପିଲାମାନଙ୍କ ସହ ଜଡିତ ହେବା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଯାହାଦ୍ୱାରା ସ୍ୱେଚ୍ଛାସେବୀମାନେ ପୁଷ୍ଟିକର ସହାୟତା ଏବଂ ଶିକ୍ଷାଗତ କାର୍ଯ୍ୟକଳାପ ପ୍ରଦାନ କରିଥିଲେ। ନୂଆଗାଁ ହାଇସ୍କୁଲରେ 'ମାସିକ ଋତୁସ୍ରାବ ସ୍ୱଚ୍ଛତା' ସଚେତନତା ଅଧିବେଶନ ମାଧ୍ୟମରେ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଗଛ ସହିତ ବନ୍ଧୁତ୍ୱ ଦିବସ ପାଳିଲା ତୁଷାର ଋରିଟେବୁଲ ଟ୍ରଷ୍ଟ

ଭୁବନେଶ୍ୱର,୪।୮ (ମହାଭାରତ): ବନ୍ଧୁତ୍ୱ ଦିବସ ଅବସରରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବନ୍ଧୁମାନଙ୍କୁ ଭେଟି ବନ୍ଧୁତ୍ୱ ଦିବସର ଶୁଭେଚ୍ଛା ଜଣାଉଥିବା ବେଳେ ଆଉ କେହି କେହି ମିଠା ଓ ପ ତାରକା ହୋଟେଲରେ କେକ୍ କାଟି ବନ୍ଧୁତ୍ୱ ଦିବସ ପାଳନ କରୁଥିବା ବେଳେ ତୁଷାର ଋରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଇ ପ୍ରତିକ୍ୱନ ଏକ ନିଆରା ଢଙ୍ଗରେ ଗଛ ସହିତ ବନ୍ଧୁତ୍ୱର ଡୋରୀ ବାନ୍ଧି ବନ୍ଧୁତା ଦିବସ ପାଳନ କରିଛି। ପ୍ରକାଶଥାଉକି ପ୍ରଳୟଙ୍କାରୀ ୧୯୯୯ ମହାବାତ୍ୟା ପରେ ଯେତେବେଳେ ଲକ୍ଷ ଲକ୍ଷ ଗଛ ଉପୁଡ଼ି ପଡ଼ିଥିଲା ଓ ଗଛର ଘୋର ଅଭାବ ପରିଲକ୍ଷିତ ହୋଇଥିଲା, ସେତେବେଳେ ଗଛପ୍ରେମୀ ସୁନାକର ସିଂ ଭୁବନେଶ୍ୱରସ୍ଥିତ ୟୁନିଟ୍-୯ ଫ୍ଲାଟରେ ଏକ ଋକୁଣ୍ଡା ଗଛ ଲଗାଇଥିଲେ। ଦୀର୍ଘବର୍ଷ ପରେ ସେ ଋକୁଣ୍ଡାଗଛଟି ଏକ ବିରାଟ ଗଛରେ ପରିଣତ ହୋଇଛି। ସେହି ଗଛ ସହିତ ବନ୍ଧୁତା ଦିବସ ପାଳନ କରି ଆଗାମୀ ପିଢି ପାଇଁ କିପରି ଅଧିକରୁ ଅଧିକ ବୃକ୍ଷରୋପଣ କରାଯାଇପାରିବ, ସେଥିପ୍ରତି ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନେତା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୁନାକର ସିଂହ, କର୍ପୋରେଟର ଜୀବନ ରାଉତ, ଶିବିର ପରିଡ଼ା, ପ୍ରଶାନ୍ତ ମହାନ୍ତି, ଜୀବନ ସାମନ୍ତରାୟ, ସୁମନ୍ତ ସ୍ୱାଇଁ, ଧନଞ୍ଜୟ କୁଣ୍ଡୁ, ଅସିତ କୁମାର ଚୌଧୁରୀ, ନିତ୍ୟାନନ୍ଦ ବେହେରା, ଅମରେଶ ସାମନ୍ତ, ପ୍ରଦୀପ କୁମାର ଦାସ, ସଂଗ୍ରାମ ଜେନା, ବିଶ୍ୱ ନାୟକ, ରାକେଶ ସେଠୀ, ଆଲୋକ ମହାନ୍ତି, ଲିଙ୍ଗା ମାଝୀ, ରଞ୍ଜନ ମହାନ୍ତ, ଅଲେଖ ଜେନାଙ୍କ ସମେତ ବହୁ ବୁଦ୍ଧିଜୀବୀ, ଆଇନଜୀବି ଏବଂ ସମାଜସେବୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

ତୁଷାର ଋରିଟେବୁଲ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ କହିଛନ୍ତି ଯେ, ବର୍ତମାନ କ୍ରମାଗତ ଭାବରେ ବୃକ୍ଷଛେଦନ ଫଳରେ ପରିବେଶ ପ୍ରଦୂଷଣ ହେବା ସହିତ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇ ଏକ ନୂତନ ରେକର୍ଡ଼ ସୃଷ୍ଟି କଲାଣି। ଏହାର କୁପ୍ରଭାବ ଜୀବଜଗତ ଉପରେ ପଡୁଛି। ଜଙ୍ଗଲ ଧ୍ୱଂସ କାରଣରୁ ବିଭିନ୍ନ ହିଂସ୍ରଜନ୍ତୁ ଜନବସତି ମୁହାଁ ହେଉଛନ୍ତି ଏବଂ ମଣିଷ ଓ ପଶୁଙ୍କ ମଧ୍ୟରେ ଲଢେଇ ଘଟି ଅନେକ କ୍ଷୟକ୍ଷତି ଘଟୁଛି। ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବର ପରିଲକ୍ଷିତ ହେଉଛି। ଏହିସବୁ ସମସ୍ୟାର ସମାଧାନ ପାଇଁ ବୃକ୍ଷରୋପଣ ଏକମାତ୍ର ମାଧ୍ୟମ। ତେଣୁ ଆଗାମୀ ଦିନରେ ଅଧିକରୁ ଅଧିକ ବୃକ୍ଷ ରୋପଣ କରି ସମାଜକୁ ପରିବେଶ ପ୍ରଦୂଷଣ୍ଡ ମୁକ୍ତ କରିବାକୁ ଶ୍ରୀ ବାରିକ ନିବେଦନ କରିଛନ୍ତି।

# ନକଲି ତରଳ ୟୁରିଆ ଗୋଦାମରେ ଚଢାଉ : ୩ ଗିରଫ

ଭୁବନେଶ୍ୱର,୪।୮ (ମହାଭାରତ): ତୋଟାପଡା ରୁ ଧରା ହୋଇଥିବା ନକଲି ତରଳ ୟୁରିଆ ର ଚେର ଖୋଜି ପୁଲିସ କଟକ ରେ ପହଁଚିଥିବାବେଳେ ନକଲି ତରଳ ୟୁରିଆ। ଗୋଦାମରେ ପୁଲିସ ଚଢଉ କରି ୨୭୦ବକେଟ ନକଲି ତରଳ ୟୁରିଆ, ୪ପ୍ୟାକେଟ ୟୁରିଆ, ୪୦ଟି ଖାଲି ବକେଟ, ୨ଟି ସିନଟେକ୍ସ ପାଣି ଟାଙ୍କି ଏବଂ ଋଲାଣରେ ବ୍ୟବହୃତ ଏକ ବୋଲେରୋ ପିକଅପ ଭ୍ୟାନ କୁ ଜବତ କରିଛି। ଏହି ଘଟଣାରେ ପୁଲିସ ନକଲି ମାଲ ପ୍ରସ୍ତୁତକାରୀ କଟକ ଋଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାର ର ଶିବ ଚରଣ ସିଂ ଜାଲିଙ୍କ ସମେତ କଟକ ୟୁପିଡ଼ି ସିଆରଆରଆଇ ଥାନା ଗତିରାଉତପାଟଣା ତ୍ରିଲୋଚନ



ବେହେରା ଓ ଆଦର୍ଶଥାନା ଅନ୍ତର୍ଗତ ତୋଟାପଡା ର ଏସକେ ଜୁନେଦ ଅଲ୍ଲି(୩୨)ଙ୍କୁ ଗିରଫ କରିଛି।

ପ୍ରକାଶଥାଉକି, ତରଳ ୟୁରିଆ। କୁ ବିଏସ-୪ ଓ ୬ ଗାଡିରେ ପରିବେଶ ପ୍ରଦୁଷଣ ନିୟନ୍ତ୍ରଣ ନିମନ୍ତେ ବ୍ୟବହାର କରାଯାଏ । ଏହାକୁ ଟାଟା ମୋଟୋର, ଅଶୋକ ଲେଲାଣ୍ଡ, ଆଇଚର ଭାରତ ବେଞ୍ଜ ପ୍ରଭୃତି ଗାଡି ଗୁଡିକରେ ବ୍ୟବହାର କରାଯାଉଛି। ଏହି ତରଳ ୟୁରିଆର ବହୁଳ ବ୍ୟବହାର ଯୋଗୁ କିଛି ବେପାରୀ ଏହାକୁ କଳାବଜାରୀ କରିବାକୁ ଆଗେଇ ଆସିଛନ୍ତି । ଅସଲି ତରଳ ୟୁରିଆ। ଅପେକ୍ଷା ନକଲି ତରଳ ୟୁରିଆ। କମ ଦାମ ରେ ମିଳୁଥିବାରୁ ଜାତୀୟ ରାଜପଥ ଦେଇ ଯାଉଥିବା ସମସ୍ତ ଗାଡି ଡ୍ରାଇଭର ଏହାର ବହୁଳ ବ୍ୟବହାର କରୁଛନ୍ତି ଯ ତୋଟାପଡା ଛକରେ ଦୀର୍ଘଦିନ ହେବ ନକଲି ତରଳ ୟୁରିଆ। ବେପାର ଋଲିଛି। ମଝିରେ କମ୍ପାନୀ କର୍ତୃପକ୍ଷ ବିଭିନ୍ନ ଦୋକାନ ଯାଂଚ କରିଥିଲେ। ଯାଂଚ ସମୟରେ ଉକ୍ତ ଅଂଚଳର କେତେକ ଋ ଦୋକାନୀ ବାହାରେ ରଖିଥିବା ନକଲି ତରଳ ୟୁରିଆ। କୁ ଦୋକାନ ଭିତରେ ଲୁଋଇଦେଇଥିଲେ। ଏନେଇ କମ୍ପାନୀ କର୍ତୃପକ୍ଷ ଆଦର୍ଶଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ପୁଲିସ ୨୯୦/୨୪ରୁଜୁ କରିଥିବାବେଳେ ଏସଡିପିଓ ଦିଲିପ କୁମାର ଦାସଙ୍କ ନିଦ୍ରେଦଶକ୍ରମେ ୩ଟି ଟିମ ଗଠନ କରି ତୋଟାପଡା ଛକରେ ଚଢଉ କରି ସେଠାରୁ ୬୪ବକେଟ ତରଳ ୟୁରିଆ। ଜବତ କରିଥିବାବେଳେ ପରେ ଏହାର ପେଣ୍ଠସ୍ଥଳୀ କଟକ ଜଗତପୁର ଇମାମିନଗର ସ୍ଥିତ ଗୋଦାମ ରେ ଚଢଉ କରି ୨୭୦ବକେଟ ନକଲି ତରଳ ୟୁରିଆ, ୪ପ୍ୟାକେଟ ୟୁରିଆ, ୪୦ଟି ଖାଲି ବକେଟ, ୨ଟି ସିନଟେକ୍ସ ପାଣି ଟାଙ୍କି ଏବଂ ଋଲାଣରେ ବ୍ୟବହୃତ ଏକ ବୋଲେରୋ ପିକଅପ ଭ୍ୟାନ କୁ ଜବତ କରିଛି। ଗିରଫ ୩ଜଣଙ୍କୁ ପୁଲିସ କୋର୍ଟଋଲାଣ କରିଛି।

# ସମ୍ବିଧାନ ସୁରକ୍ଷା

କଂଗ୍ରେସ ନେତା ରାହୁଲ ଗାନ୍ଧି ସମ୍ବିଧାନ ପୁସ୍ତିକା ଧରି ଏହାକୁ ହଲାଇଥିଲେ ଏବଂ ସମ୍ବିଧାନ ସୁରକ୍ଷା ନେଇ ନାରାବାଜି କରିଥିଲେ। ବିରୋଧୀ ଦଳ କାହିଁକି ଏପରି କଲେ ତାହା ବିସ୍ମୟଜନକ। ନିର୍ବାଚନରେ ଜନସମର୍ଥନ ପାଇ ଏନଡିଏ ସରକାର ଗଠନ କରିଛି। ସବୁ କିଛି ସାମ୍ବିଧାନିକ ବିଧିବିଧାନ ମଧ୍ୟରେ ହୋଇଛି। ନିର୍ବାଚନ ବେଳେ ବିରୋଧୀ ମେଣ୍ଟ ପକ୍ଷରୁ ଶାସକ ଦଳ ବିରୋଧରେ ଅଭିଯୋଗ ଉପସ୍ଥାପନ କରାଯାଇଥିଲା ଯେ, ଏହା ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରିଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନଡିଏ ବା ବିଜେପି ପୁନର୍ବାର କ୍ଷମତାକୁ ଆସିଲେ ଦେଶର ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହେବ ଏବଂ ଆଉ ନିର୍ବାଚନ ହୋଇନପାରେ। ନିର୍ବାଚନ ବେଳେ କିଏ କାହାକୁ ସମାଲୋଚନା କଲା, କ'ଣ ଅଭିଯୋଗ ବା ଆଶଙ୍କା ବ୍ୟକ୍ତ କଲେ ତାହା ଭିନ୍ନ କଥା। କିନ୍ତୁ ମତଦାତାମାନେ ସେମାନଙ୍କ ନିଷ୍ପତ୍ତି ଜଣାଇବା ପରେ ଏବେ ଏହାକୁ ନେଇ ଆଉ ବିବାଦ ହେବା ଅନୁଚିତ। ଜନତାଙ୍କ ରାୟକୁ ଅସମ୍ମାନିତ କରିବା ଅନୁଚିତ। ଏହା ସମ୍ବିଧାନ ଏବଂ ଗଣତନ୍ତ୍ର ପ୍ରତି ବିପଦ। କଂଗ୍ରେସ ଅଭିଯୋଗ କରୁଛି ଯେ, ବିଜେପି ବା ନରେନ୍ଦ୍ର ମୋଦି ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ବିଜେପି ସମ୍ବିଧାନକୁ ଅଚଳ କରିଦେବାକୁ ଉଦ୍ୟମ କରୁଛି। କିନ୍ତୁ ଏଭଳି ଅଭିଯୋଗ ବା ଆଶଙ୍କାର କିଛି ଭିତ୍ତି ନାହିଁ। ଦେଶର ସମ୍ବିଧାନ ସୁରକ୍ଷା ସରକାର ନୁହେଁ, ସଂସଦର ଦାୟିତ୍ୱ। ସୁପ୍ରିମକୋର୍ଟ ସମ୍ବିଧାନ ବିରୋଧୀ କାର୍ଯ୍ୟ ବା ଅସାମ୍ବିଧାନିକ କାର୍ଯ୍ୟକୁ ବରଦାସ୍ତ କରିବେ ନାହିଁ। ଦେଶରେ ଯେବେ ବି ସମ୍ବିଧାନ ବିରୋଧି କାର୍ଯ୍ୟ ହୋଇଛି ବା ଉଦ୍ୟମ ହୋଇଛି, ସେତେବେଳେ ସୁପ୍ରିମକୋର୍ଟ ଏହାକୁ ସୁରକ୍ଷା ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ଥିବା ପର୍ଯ୍ୟନ୍ତ ଦେଶର ସମ୍ବିଧାନ ସୁରକ୍ଷିତ। ତେଣୁ ଅନ୍ତତଃ ପକ୍ଷେ କଂଗ୍ରେସ ମୁହଁରେ ସମ୍ବିଧାନ ପ୍ରତି ବିପଦ ଅଭିଯୋଗ ଶୋଭାପାଉନି। ୧୯୭୫ରେ ଦେଶର ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। କ୍ଷମତା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଦେଶରେ ଜରୁରୀ ପରିସ୍ଥିତି ଜାରି କରି ସମ୍ବିଧାନକୁ ଅଚଳ କରି ଦେଇଥିଲେ। ଏହାକୁ ଦେଶବାସୀ ଭୁଲି ନାହାଁନ୍ତି। ସ୍ୱାଧୀନତା ପରେ ଦେଶରେ ସର୍ବାଧିକ ସମୟ କଂଗ୍ରେସ କ୍ଷମତାରେ ରହିଛି। କଂଗ୍ରେସ ଶାସନ କାଳରେ ହିଁ ସର୍ବାଧିକ ଥର ସମ୍ବିଧାନ ସଂଶୋଧନ କରାଯାଇଛି। ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ଦେଶରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ କହିଥିଲେ। ସମ୍ବିଧାନରେ ଏହା ଉଲ୍ଲେଖ ରହିଛି। କିନ୍ତୁ କଂଗ୍ରେସ ଏହି ରୁଗ୍ଣ ବ୍ୟବସ୍ଥାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ତାହା ହେଲେ କିଏ ସମ୍ବିଧାନ ବିରୋଧୀ କାର୍ଯ୍ୟ କରିଛି ? ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ମୋଟ ସଂରକ୍ଷଣ ସୀମା କୌଣସି ପରିସ୍ଥିତିରେ ବି ୫୦%ରୁ ଅଧିକ ହେବ ନାହିଁ। ନିର୍ବାଚନ ବେଳେ ରାହୁଲ କହିଥିଲେ ଯେ, କଂଗ୍ରେସ କ୍ଷମତାକୁ ଆସିଲେ ସମ୍ବିଧାନ ସଂଶୋଧନ କରି ୫୦% ସଂରକ୍ଷଣ ସୀମାକୁ ହଟାଇଦେବ। ଯେଉଁ ଜାତିର ସଂଖ୍ୟା ଯେତିକି ସେମାନଙ୍କୁ ସେତିକି ସଂରକ୍ଷଣ ସୁବିଧା ମିଳିବ। ଏହାଏକ ଭୟଙ୍କର ଚିନ୍ତାଧାରା ଏବଂ ସମ୍ବିଧାନର ମୂଳ ଢାଞ୍ଚା ବିରୋଧୀ। ତାହା ହେଲେ କିଏ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରିଛି ? କିଏ ସମ୍ବିଧାନକୁ ନିଜ ଇଚ୍ଛାନୁସାରେ ବଦଳାଇଛି ? ନିଜକୁ ସୁହାଇଲା ଭଳି ସମ୍ବିଧାନରେ ସଂଶୋଧନ କିଏ କରିଛି ? ଏବେ ଜନତାଙ୍କ ରାୟ ଆଧାରରେ ନୂଆ ସରକାର ଗଠିତ ହୋଇଛି। ସରକାରଙ୍କୁ ୫ ବର୍ଷ ସୁଶାସନ ପାଇଁ ସୁଯୋଗ ଦିଆଯାଉ। ନୂଆ ଲୋକସଭା ଆରମ୍ଭରୁ ହଟ୍ଟଗୋଳ ଏବଂ ନାରାବାଜି, ଶପଥଗ୍ରହଣ ବେଳେ ଏଥିରେ ବାଧାସୃଷ୍ଟି କରିବା ନିହାତି ଅସୁନ୍ଦର କଥା ଏବଂ ଏହା ଜନମତର ବିରୁଦ୍ଧାଚରଣ କରୁଛି।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି


॥ ପ୍ରଫେସର ହୃଦୟନାଥ ଆଟୋଇ ॥


" ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।

ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ୍ୟ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ୍ୟ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍‌ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ୍ୟ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟିରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କର୍ଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନୋଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ୍ୟ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିକ୍ଷିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଟଂରପ୍ରେନୁୟର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।


ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।


# ହୁଅନ୍ତୁ ପିଲାର ବନ୍ଧୁ


॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥


ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହିଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟିପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁ ନିଷ୍ପ୍ରାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ୍ୟ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ୍ୟ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ଜ୍ୟେଷ୍ଠ ପୁତ୍ର ଓ ପୃଥିବୀ ମାଆ


॥ ଅଜୟ କୁମାର ବେହେରା ॥


ବସୁମତୀ, ଅନେକ ମାଆଙ୍କ ଭିତରୁ ଜଣେ ଦେବୀ ମାଆ। ପୃଥିବୀ ମାଆ ହିଁ ବସୁମତୀ ମାଆ। ତାଙ୍କର ପ୍ରଥମ ସନ୍ତାନ ହେଉଛି ସାଗର। ଯେ ମହାଦାମ୍ଭିମ ଓ ଗର୍ବୀ। ପୁଣି ତାଙ୍କ ଠାରୁ କେହି କ୍ଷେତ୍ରବଳୀ ନାହାଁନ୍ତି। କ୍ଷେତ୍ରର ଅଧିଶ୍ୱରମାନେ ଜମିଦାର ଏଥିରେ ସବୁଠାରୁ ବଡ଼ ଜମିଦାରୀରେ ସାଗର, ସପ୍ତସମୁଦ୍ରଙ୍କର ନାମ ରହିଛି। ରସାତଳ କୁହନ୍ତୁ ପାତାଳ କୁହନ୍ତୁ ଆଉ ପୃଥିବୀର ସର୍ବତ୍ର ନିଶ୍ଚେ ଭୂମି ଅଛି। ପାତାଳ ମାନେ ନିମ୍ନ ସ୍ଥାନ ପାଦତଳ, ରସାତଳ ମାନେ ରସର ତଳ ଏଠାରେ ଜଳକୁ ଆଧାର କରିଥିବା ମାଟି। ସମୁଦ୍ର ପତନ କହିଲେ ସମୁଦ୍ରର ଜଳ ଶୂନ୍ୟସ୍ଥାନରୁ ଉପରରୁ ଉପରୁ ଉଠିଥିବା ସ୍ଥାନ।

ଏହି ସମୁଦ୍ର ସାଗର ମହାରୁ ଉପ ପର୍ଯ୍ୟନ୍ତତ ଅନେକ ନାମକରଣ ହେଲେ ମୋଟ ଧରିଲେ ସାଗର। ଏଇ ସାଗର ପୃଥି ମାତାଙ୍କର ପ୍ରଥମ ସନ୍ତାନ। ପୃଥିମାତାଙ୍କର ବ୍ୟାପକ ଭୂ ସମ୍ପତ୍ତି ଗର୍ଭରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ, ଗ୍ୟାସ ରହିଛି। ସବୁ ମାଆଙ୍କ ପରି ପୃଥି ମାଆ ତାଙ୍କ ପିଲାଙ୍କ ପାଇଁ ମାଟିତଳେ ପିଲାଙ୍କ ଭବିଷ୍ୟତ ପାଇଁ ଦ୍ରବ୍ୟ ରଖିଛନ୍ତି। ହେଲେ ଏସବୁ ଗୋପନ ଧନୁକୁ ଜୁଲମ କରି ଭୟଦେଖାଇ ଛଡ଼ାଇ ନେଇଛନ୍ତି ସାଗର। କୁହାଯାଏ ତିନିଭାଗ ଜଳ ଏକ ଭାଗ ମାଟି ପୃଥିବୀରେ ରହିଛି। ମାଆ ବସୁମତୀ ସନ୍ତାପରେ ସମୟ କାଟୁଛନ୍ତି। ସାଗରରେ ତୋର ପର ଭାଇଭଉଣୀଙ୍କ ପାଇଁ ମୁଁ କଣ ସମ୍ପତ୍ତି ଦେବୀ ତୁ ଏତେ ନେ ନା। ହେଲେ ସାଗରଙ୍କର ଜିଦ ଦାବୀରେ ଆହୁରି ନେବେ, ସମୁଦ୍ରଙ୍କୁ ଅର୍ଥ ତୃଷ୍ଣା ଛାଡୁନାହିଁ।

ମାଆଙ୍କର ମନ କଥାରୁ ଅନୁମାନ କରି ସାଗର କହୁଛନ୍ତି ମାଆ ମୁଁ ଅମର ହେଲେ ପରେ ପରେ ଯେ ଜନ୍ମ ସେମାନେ ମର। ସେମାନେ କଣ ପରମାୟୁ ମୋରି ପରି ପାଇଛନ୍ତି କି? କି ପାଇବେ କି? ସେମାନେ ବଂଶ ବୃଦ୍ଧି କଲେ ବି ସେ ବଂଶ ବି ସମୟୋନୁସାରେ କ୍ଷୟ ହେବ ହେଲେ ମୁଁ ଅକ୍ଷୟ। ମୁଁ ତୋ ଥିବା ଯାଏ ତୋର ସେବା କରିବି ସେମାନେ ଏପରି ଭରଷାଶୀଳ ନୁହଁ। ସନ୍ତାନ ମାୟା ସବୁ ସ୍ତ୍ରୀଲୋକଙ୍କର ଅଛି। ଏଥିରୁ ଆଦି ମାତାଙ୍କର କେମିତି ନରହିବ? ଦେବୀ ମାଆ ଜ୍ୟେଷ୍ଠପୁତ୍ର ଦ୍ୱାରା ସଦା ଚାପରେ ତପରେ ସାଗର ସର୍ବଦା ତଟରେ ଭୟଙ୍କର ଭାବରେ ପିଟି ହୋଇ ମାଟିକୁ ତା ଆଡ଼କୁ ଭିଡ଼ି ନେଉଛି। ଦେବୀ ମାଆଙ୍କର କ୍ରନ୍ଦନ ନିତ୍ୟ ଠାକୁରେ ଶୁଣ ଶୁଣ ଏହାର ପ୍ରତିକାର କର। ଭଗବାନ ଶୁଣିଲେ ସାଗର ତ୍ରାସ ଜନ୍ମ ନେଲେ। ତାଙ୍କ ନାମ ଅଗସ୍ତ୍ୟ। ଲୋକେ ତାଙ୍କୁ ଅଗସ୍ତୀ କହୁଛନ୍ତି। ଦିବ୍ୟ ବ୍ରାହ୍ମଣ ମହାତେଜସ୍ୱୀ ସ୍ଥିରଚେତ ଦୃଢ଼ ଧୈର୍ଯ୍ୟର ସେ ଜୀବନ୍ତ ରୂପ। ସେ ଏପରି ସାଧନ ବ୍ରତୀ ହେଲେ ସମୁଦ୍ର ଜଳକୁ ମନ୍ତ୍ରପୁତ କରି ଗୁଣ୍ଡୁଷେ ଜଳରେ ନିଶେଷ କରିଦେଲେ।

ଏବେ ସାଗର ଜାଣିଲେ ନରଙ୍କ ମଧ୍ୟରେ ବି ଏମିତି ବ୍ୟକ୍ତି ଆସିଲେ ଯେ ଅମାପ ଜଳକୁ ନିଶେଷ କରିଦେଲେ। ଏଇ ସାଗର ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବର୍ଷାର କାରଣ ସାଗରରେ ଜଳ ନରହିଲେ ଜୀବଜଗତ ବୃକ୍ଷଲତା କେହି ବଞ୍ଚି ପାରିବେ ନାହିଁ। ଏପାଇଁ ଅଗସ୍ତୀ ଦେବ ରଷ ଅନୁରୋଧରେ ସାଗରଙ୍କୁ ମୁଖରୁ ପୁଣି କାଢ଼ିଦେଲେ। ଏ ସାଗର ଜଳ ବ୍ରାହ୍ମଣ ଅଇଣ୍ଠା ଏ ତୀର୍ଥଜଳରେ ଆସେ ମାତ୍ର ଗଙ୍ଗା ଯମୁନା ଗୋମତୀ ନର୍ମଦା ଜଳ ପରି ପବିତ୍ର ନୁହଁନ୍ତି। ପୃଥିମାତାଙ୍କ ଆଶ୍ୱାସନା ମିଳିଲା ଯେ ସାଗରକୁ ତ୍ରାସ ଏମିତି ବି ତାଙ୍କର ପିଲା ଜଣେ ଜନ୍ମ ନେଇଛି। ସାଗରଙ୍କ ଡର ହେଲା ସେ ତାଙ୍କର ସ୍ଥିତି ପରିସୀମା ବୁଝିଗଲେ। ସେ ବି ବଡ଼ଭାଇ ନାମ ମଣିଷଙ୍କ ପାଇଁ କରିଚାଲିଛନ୍ତି। ସାଗର ନଥିଲେ ଅନେକ ଅସୁବିଧା ସଂସାରରେ ହୁଅନ୍ତା। ମାଆ ଖୁସି ତାଙ୍କର ପୁଅମାନେ ଏମିତି ହେବେ ଏକଥା ସେ ସଦା ସେ ବ ଚାଲିଲେ। ସାଗରରେ ତରୀ ଗଲାଣି, ପୋତ, ଜାହାଜ କେତେ କଣ? ସାଗର ବଡ଼ଭାଇ କମାରେ ବି ଅଛନ୍ତି।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ଶ୍ୟାମବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଅଣଛାତ୍ରଙ୍କ ଦାଦାଗିରି

### ଦୁଇ ଦଶମ ଛାତ୍ରଙ୍କୁ ଶ୍ରେଣୀଗୃହରୁ ଘୋଷାଡ଼ି ପିଟିଲେ



**ନୟାଗଡ,(ମହାଭାରତ) :** ନୟାଗଡ଼ ସଦର ଥାନା ଅଧୀନ ମାଛିପଡ଼ା ଶ୍ୟାମବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଅଣଛାତ୍ରଙ୍କ ଦାଦାଗିରି। ଏକ ସାମାନ୍ୟ ଘଟଣାକୁ ନେଇ ଦଶମ ଶ୍ରେଣୀରେ ପଶି ଦୁଇ ଛାତ୍ରଙ୍କୁ ଘୋଷାଡ଼ି ଘୋଷାଡ଼ି ସେମାନେ ପିଟିଛନ୍ତି। ଗୁରୁତର ଦୁଇ ଛାତ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସଦର ଥାନା ପୁଲିସ ଗଣ୍ଡଗୋଳ କରିଥିବା ୬ ଜଣ ନାବାଳକଙ୍କୁ ଥାନାରେ ଅଟକ ରଖିଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଦୁଇ ଛାତ୍ରଙ୍କ ଚିକିତ୍ସା ପାଇଁ ଏକ ପୁଲିସ ଟିମ୍ ମୁଖ୍ୟ ଚିକିତ୍ସାଳୟ ରେ ମୁତୟନ କରାଯାଇଛି। ଏହି ଦୁଇ ଆହତଙ୍କ ଚିକିତ୍ସା ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରମାକାନ୍ତ ପଣ୍ଡାଙ୍କ ସହ ଏସ୍‌ପି ରାହୁଲ ଜୈନ ଆଲୋଚନା କରିଛନ୍ତି। ଏହି ପ୍ରକାର ଦାଦାଗିରିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଏସ୍‌ପି କହିଛନ୍ତି। ସ୍କୁଲ ପ୍ରଧାନଶିକ୍ଷକ ଫକୀର ପ୍ରଧାନ ସୂଚନା ମୁତାବକ, ପ୍ରାୟ ୧୦ ଟା ୧୫ରେ ରେ ସ୍କୁଲ ମଧକୁ ହଠାତ୍ ୨୦ରୁ ଊର୍ଦ୍ଧ୍ୱ ଅଣଛାତ୍ର ପ୍ରବେଶ କରିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ହଠାତ୍ ଶ୍ରେଣୀଗୃହରେ ପଶି ଦଶମ ଶ୍ରେଣୀର ଦୁଇ ଛାତ୍ରଙ୍କୁ ବାହାରକୁ ଘୋଷାଡ଼ିଆଣି ପିଟିଥିଲେ ଥିଲେ। ତଳେ ପକାଇ ଯିଏ ଯେମିତି ପାରିଲା ମାରି ଚାଲିଲା। ଏହି ସମୟରେ ସ୍କୁଲରେ ଉପସ୍ଥିତ ଥିବା ଶିକ୍ଷକ ଓ କମିଟିର ଦୁଇ ଜଣ ସଦସ୍ୟ ସେମାନଙ୍କୁ ବିରୋଧ କରିଥିଲେ ମାତ୍ର ଏହି ଅଣଛାତ୍ରମାନେ ସେମାନଙ୍କୁ ମଧ ଠେଲାପେଲା କରିଥିଲେ। ତଥାପି ଶିକ୍ଷକ ମାନେ ଏହି ଦୁଇ ଛାତ୍ରଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରି ଶ୍ରେଣୀଗୃହରେ ଭର୍ତ୍ତି କରି ଦେଇଥିଲେ। ଫଳରେ ଏହି ଅଣଛାତ୍ର ମାନେ ସ୍କୁଲ ମଧରେ ଅଶଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ବେଳେ ଛାତ୍ରୀ ମାନଙ୍କୁ ମଧ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଯାହା ଜଣାପଡ଼ିଛି ଗତ ୨୭ ତାରିଖରେ ଏହି ଅଣଛାତ୍ର ମାନେ ସ୍କୁଲ ବାହାରେ କ୍ରିକେଟ୍ ଖେଳୁଥିଲେ। ଏହି ସମୟରେ ସେମାନଙ୍କ ବଲ୍ ସ୍କୁଲ ଭିତରକୁ ପଳାଇ ଆସିଥିଲା । ଏହି ଅଣଛାତ୍ର ମାନେ ସ୍କୁଲ ଭିତରକୁ ଆସି ଆଜି ଆକ୍ରମଣ କରିଥିବା ଦୁଇ ଜଣ ଛାତ୍ରଙ୍କୁ ସେମାନଙ୍କ ଜାତି ଆକ୍ଷେପ କରି ବଲ୍ ମାଗିଥିଲେ। ଫଳରେ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏହି ପାଟୁତଣ୍ଡ ଆଜି ଏମିତି ଭୟଙ୍କର ରୂପ ନେଇଥିବା ଚର୍ଚ୍ଚା ଚାଲିଛି।

## ୩୪ ଜଣ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର

### ବୋର୍ଡ ପରିକ୍ଷା ଫରମ୍ ଫିଲଅପ୍‌ରୁ ବଞ୍ଚିତ ହେବେ

**ବିଷମ କଟକ,(ମହାଭାରତ) :** ରାୟଗଡା ଜିଲ୍ଲା ବିଷମ କଟକ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ୩୪ଜଣ ଛାତ୍ର ଛାତ୍ରୀ ଚଳିତ ବର୍ଷ ବୋର୍ଡ ପରିକ୍ଷା ନିମନ୍ତେ ଫରମ ଫିଲଅପ୍ ରୁ ବଂଚିତ ହେବେ । ଶିକ୍ଷ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଟି ମାଧମିକ ଶିକ୍ଷା ପରିଷଦ ଓଡିଶା ଅଧିନରେ ଆସୁଥିବାବେଳେ ଛାତ୍ରୀ ଛାତ୍ରୀ ମାନଙ୍କ ବୋର୍ଡ ପରିକ୍ଷା କରାଇଥାଏ । ଏହି ପରିପ୍ରେକ୍ଷି ରେ ଶିକ୍ଷକ ଛାତ୍ର ଛାତ୍ରୀ ମାନଙ୍କ ପ୍ରଥମ ବର୍ଷର ବୋର୍ଡ ପରିକ୍ଷା ନିମନ୍ତେ ଫରମ ଫିଲାପ୍ ପକ୍ରିୟା ଆରମ୍ଭ ହୋଇଛି । ବିଭାଗ ତରଫରୁ ଫରମ ଫିଲାପ୍ କରିବା ନିମନ୍ତେ ଏକ ନିର୍ଦ୍ଦେଶା ବଳି ଜାରି କରିଛନ୍ତି । ଯେଉଁମାନେ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ରେ ଉପଯୁକ୍ତ ଭାବରେ ଆଡମିଶନ ହୋଇଥିବେ ଏବଂ ପରୀକ୍ଷା ବର୍ଷରେ ପ୍ରତ୍ୟେକ କ୍ଲାସରେ ଯୋଗ ଦେଇ ସେମାନଙ୍କ ଅଧୟନର ପାଠ୍ୟକ୍ରମ




ଅନୁସରଣ କରିଥିବେ । ପ୍ରତ୍ୟେକ ସବଜେକ୍ଟ ରେ ୮୦% ଉପସ୍ଥାନ ରହିଥିବା ଏବଂ ବିଦ୍ୟାଳୟ ପାଠ୍ୟକ୍ରମ ନିୟମିତ ଭାନ କରିଥିବେ ସେହି ଛାତ୍ର ଛାତ୍ରୀ ମାନେ ବୋର୍ଡ ପରିକ୍ଷା ନିମନ୍ତେ ଫରମ ଫିଲପ୍ କରିବା କୁ ଯୋଗ୍ୟ ବିବେଚିତ ହେବେ ବୋଲି ମାଧମିକ ଶିକ୍ଷା ପରିଷଦ ଓଡିଶା ନିର୍ଦ୍ଦେଶାବଳି ଜାରି କରିଛି । ଏଥି ସହିତ ପଂଜିକୃତ ଡାକ୍ତରୀ ଚିକିତ୍ସକ ଙ୍କ ପ୍ରମାଣ ପତ୍ର ଆଧାରରେ ବୋର୍ଡର ପରୀକ୍ଷା କମିଟି ଆଉ ୧୦ପ୍ରତିଶତ ଉପସ୍ଥାନ କୁ ବିଚାରକୁ ନିଆଯାଇପାରିବ ବୋଲି ନିର୍ଦ୍ଦେଶ ନାମା ରେ ଉଲ୍ଲେଖ ରହିଛି । ନିର୍ଦ୍ଦେଶାବଳି ଆଧାରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ରାୟଗଡା ର ମାତ୍ର ୧୫ଜଣ ଛାତ୍ର ଛାତ୍ରୀ ଙ୍କ ୮୦ପ୍ରତିଶତରୁ ଊର୍ଦ୍ଧ ଉପସ୍ଥାନ ରହିଛି । ଏହି ଛାତ୍ର ଛାତ୍ରୀ ମାନେ ହିଁ ବୋର୍ଡ ପରିକ୍ଷା ଫରମ ଫିଲଅପ୍ କରିବା ନିମନ୍ତେ ଯୋଗ୍ୟ ଅଛନ୍ତି । ଏହା ବ୍ୟତିତ ୨୪ଜଣ ଛାତ୍ର ଛାତ୍ରୀ ୭୦ ରୁ ୮୦ପ୍ରତିଶତ ମଧରେ ଉପସ୍ଥାନ ରହିଛି । ଅପର ପକ୍ଷରେ ବିଦ୍ୟାଳୟ ବଳକା ୩୪ଜଣ ଛାତ୍ର ଛାତ୍ରୀଙ୍କ ୭୦ପ୍ରତିଶତ ରୁ କମ୍ ଉପସ୍ଥାନ ରହିଛି । ଯାହାଫଳରେ ଏହି ସମସ୍ତ ଛାତ୍ର ଛାତ୍ରୀ ମାନେ ବୋର୍ଡ ପରିକ୍ଷା ର ଫରମ୍ ପଂଜିକରଣ ରୁ ବଂଚିତ ହୋଇ ରହିବେ । ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ନିୟମିତ ଉପସ୍ଥିତ ନ ରହିବା ବର୍ତମାନ ସେମାନଙ୍କୁ ମହଙ୍ଗା ପଡିଛି । ହେଲେ ମାଧମିକ ଶିକ୍ଷା ପରିଷଦ ଓଡିଶା ଙ୍କ ନିର୍ଦ୍ଦେଶ କୁ ପାଳନ କରି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ସରତ ଚନ୍ଦ୍ର ସେଠ୍ ୮୦ପ୍ରତିଶତ ରୁ କମ୍ ଉପସ୍ଥାନ ରହିଥିବା ଛାତ୍ର ଛାତ୍ରୀ ମାନଙ୍କୁ ବୋର୍ଡ ପରିକ୍ଷା ନିମନ୍ତେ ଫରମ ପଂଜିକରଣ ରୁ ବଂଚିତ ରଖିବେ ନା ମାଧମିକ ଶିକ୍ଷା ପରିଷଦ ଓଡିଶା ନିର୍ଦ୍ଦେଶାବଳି କୁ ଉଲଘନ କରି ସମସ୍ତ ଅଯୋଗ୍ୟ ଛାତ୍ର ଛାତ୍ରୀ ଙ୍କୁ ଫରମ ପଂଜିକରଣ କରିବା ନିମନ୍ତେ ସୁଯୋଗ ଦେବେ ତାହା ଦେଖିବାକୁ ବାକି ରହିଲା ।

## ତରଭା ଗାଁରେ ମୃତ ଯୁବକର ପରିବାରକୁ ଭେଟିଛନ୍ତି ବିଧାୟକ ଅଭିମନ୍ୟୁ ସେଠୀ



**ହାଟଡ଼ିହି,(ମହାଭାରତ) :** ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତ ତରଭା ଗାଁରେ ଏକ ଅଘଟଣ ଘଟି ଯାଇଥିଲା। ଗ୍ରାମରେ ଥିବା ମନ୍ଦିରର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସେଠାରୁ ଏକ ସାପ ବାହାରିଥିଲା। ସାପଟିକୁ ଘଉଡ଼ାଇ ଦେବାରୁ ସାପଟି ନିକଟରେ ଥିବା ଏକ ହୁଙ୍କା ଭିତରକୁ ପଳାଇଥିଲା। ସେଠାରେ ଅନେକ ଲୋକ ଉପସ୍ଥିତ ଥିବା ବେଳେ ପ୍ରକାଶ ସେଠୀ( ୨୭) ନାମକ ଜଣେ ଯୁବକ ସାପକୁ ପିଛା କରି ଯାଇଥିଲେ। ସେଠାରେ ଥିବା ଏକ ଅଶ୍ୱସ୍ଥ ଗଛ ମୂଳେ ଠିଆ ହୋଇ ସାପକୁ ଦେଖୁଥିବା ବେଳେ ଅଚାନକ ପୂର୍ବରୁ ଭାଙ୍ଗି ଲାଖି ରହିଥିବା ଏକ ଡାଳ ପ୍ରକାଶ ଉପରେ ଭାଙ୍ଗି ପଡିଥିଲା। ସେହି ଠାରେ ସେ ଗଡ଼ି ପଡ଼ି ଥିଲେ। ଉପସ୍ଥିତ ଅନ୍ୟ ଯୁବକ ମାନେ ତୁରନ୍ତ ଉପଖଣ୍ଡ ଡାକ୍ତରଖାନା କୁ ନେଇଯାଇଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପ୍ରକାଶ ଜଣେ ପରୋପକାରୀ ଭାବେ ଗ୍ରାମରେ ଜନଶୁଣା ଥିଲେ। ବିପଦ ଅପଦରେ ପଡିଥିବା ଲୋକଙ୍କୁ ସହଯୋଗର ହାତ ବଢ଼ାଉଥିଲେ। ଏପରିକି ଗ୍ରାମର ଯୁବକ ମାନଙ୍କ ସହିତ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟ ଜାରି ରଖିଥିଲେ। ତାଙ୍କର ଏପରି ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଯାହାକୁ ବିଧାୟକ ଅଭିମନ୍ୟୁ ସେଠୀ ବିଧାନ ସଭାରୁ ଫେରି ପରିବାର ବର୍ଗ ଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମବଙ୍ଗର ଦମ୍ପତି

**ଗଜପତି,(ମହାଭାରତ) :** ଗଜପତି ଜିଲ୍ଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୫୫ ତମ ଶିଶୁ କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ ପୋଷ୍ୟ ସନ୍ତାନ ଭାବେ ପଶ୍ଚିମ ବଙ୍ଗର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁକନ୍ୟାକୁ, ଶିଶୁ ମଙ୍ଗଳ ସମିତି ଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିସାନ ସାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ପାରଳାଖେମୁଣ୍ଡି ଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ଚାରି ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ପଶ୍ଚିମବଙ୍ଗର ଏକ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜ କୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁକୁ ପାଇ ଉକ୍ତ ଦମ୍ପତି ଜଣକ ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଜିଲ୍ଲା ପରିଷଦ ର ସଭାପତି ଶ୍ରୀଯୁକ୍ତ ଜି ତିରୁପତି ରାଓ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଡଃ ଗୁଣନିଧି ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରୀପାଠୀ, ନିସାନ ସାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ




**ଗଜପତି,(ମହାଭାରତ) :** ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ବି ସୀତା ପୁର ଗ୍ରାମରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ହୋଇଯାଇଛି। ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱା ବଧାନରେ ଏକ ସଚେତନତା ରାଲି ଗ୍ରାମରେ କରା ଯାଇଥିଲା। ପରେ ସମସ୍ତ ପ୍ରକାର ସୁଷମ ଖାଦ୍ୟ ଶସ୍ୟଜାତୀୟ, ପନିପରିବା, ଫଳ ପାଚିଲା,ଶାଗ ଇତ୍ୟାଦି ପଦର୍ଶନ କରାଯାଇଥିଲା।ଏହି ଦିବସ ସାରା ବିଶ୍ୱରେ କିପରି ପାଳନ ହେଉଛି ଏବଂ ଏହି ଦିବସର ମୂଳ ଲକ୍ଷ୍ୟ ହେଲା ମାଆ ଓ ଶିଶୁ ମୃତ୍ୟୁ ହାର କମାଇବା ଓ କୁପୋଷଣ ଦୂର କରିବା, ଶିଶୁ ଜନ୍ମ ପରେ ମାଆ ଶିଶୁକୁ କସ କ୍ଷୀର ଦେବା, ୬ ମାସ ଶିଶୁକୁ ମାଆ କ୍ଷୀର ହିଁ ଖୁଆଇବା ଉଚିତ ବୋଲି ସଚେତନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଯାଞ୍ଚ କମିଟି ମେମ୍ବର ମନରଞ୍ଜନ ପଣ୍ଡା, ସଭାପତି ଟି. ଡିଲେଶ୍ୱରୀ, ଏନ.ଜଗନ୍ନାଥ ରାଓ, ଏନ. ତ୍ରିବେଣୀ,ଭି. ନାରାୟଣ ରାଓ,ସବିତା ପଣ୍ଡା ପ୍ରମୁଖଙ୍କ ସମେତ ହିତାଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ THR . MSPY ବଣ୍ଟନ କରାଯାଇଥିଲା ଏହି କାର୍ଯ୍ୟକ୍ରମ ୧ ଅଗଷ୍ଟ ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲୁରହିବ।

## ୱାୟନାଡ ଭୂସ୍ଖଳନ: ବଢ଼ି ଗଲିଛି ମୃତ୍ୟୁ ସଂଖ୍ୟା

- ନଦୀରୁ ମିଳିଲାଣି କୁଢ଼ କୁଢ଼ ଶବ
- ଉଦ୍ଧାର କାର୍ଯ୍ୟରେ ଓଡ଼ିଆ ଯବାନ

**ବିଷମ କଟକ,(ମହାଭାରତ) :** କେରଳର ୱାୟନାଡ ଭୂସ୍ଖଳନ ଘଟଣାରେ ଲଗାତର ବଢ଼ି ରଲିଛି ମୃତ୍ୟୁ ସଂଖ୍ୟା । ମୃତକଙ୍କ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୩୦୦ରୁ ଅଧିକ ହୋଇଥିବା ବେଳେ କେବଳ ଚେଲିୟାର ନଦୀରୁ ଏପର୍ଯ୍ୟନ୍ତ ୧୦୦ରୁ ଅଧିକଂସ ଶବ ମିଳିଲାଣି। ଏବେବି ୨୨୫ରୁ ଅଧିକ ଲୋକେ ନିଖୋଜ ଅଛନ୍ତି । ସର୍ଚ୍ଚ ଅପରେସନ ଜୋରାଦାର ରଲିଛି। ସେପଟେ କେରଳରେ ବର୍ଷା ଥମିବାର ନାଁ ନେଉ ନାହିଁ। ପ୍ରବଳ ବର୍ଷା ଭିତରେ ହିଁ ଚାଲିଛି ମାଟି ତଳୁ ଜୀବନ୍ତ ଲୋକଙ୍କ ଖୋଜା। ଗୁରୁବାର ରାତିରେ ୨୦ ଘଣ୍ଟା ଧରି ଚାଲିଥିଲା ଉଦ୍ଧାର। ଦିନକରେ ସେତୁ ନିର୍ମାଣ କଲେ ସେନାବାହିନୀ ଅପରେସନ୍ ଅସ୍ଥାୟୀ ଭାବେ ବନ୍ଦ ରହିବା ପରେ ଶୁକ୍ରବାର ସକାଳୁ ପୁଣି ଏହା ଆରମ୍ଭ ହୋଇଛି। ଏଯାବତ୍ ଉଦ୍ଧାର ହୋଇଥିବା ୩୦୦ରୁ ଊର୍ଦ୍ଧ ମୃତଦେହ ମଧ୍ୟରୁ ୧୦୩ ଜଣଙ୍କ ପରିଚୟ ଜଣାପଡ଼ିଛି। ୧୬୭ ମର ଶରୀରର ବ୍ୟବଚ୍ଛେଦ ଶେଷ ହୋଇଛି।



୫୨ଟି ମରଶରୀରକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଅନେକ ଲୋକ ମାଟି ତଳେ ପୋତି ହୋଇଯାଇଥିବା ସନ୍ଦେହ କରାଯାଉଥିବାରୁ ସେନା, ଅଗ୍ନି ଶମ ବାହିନୀ ଏବଂ ଏନ୍ ଡି ଆର୍ ଏଫ୍ ଉଦ୍ଧାରରେ ଅହରହ ନିୟୋଜିତ ରହିଛନ୍ତି । ଉଦ୍ଧାର କାର୍ଯ୍ୟରେ ଏନ.ଡ଼ି.ଆର.ଏଫ ର ଚତୁର୍ଥ ବାଟାଲିୟନ ରେ ରାୟଗଡା ଜିଲ୍ଲା ବିଷମ କଟକ ମାଟିର ଯବାନ ରାଜେନ୍ଦ୍ର ଗନ୍ତାୟତ ସହ ଓଡ଼ିଶାର କାର୍ତ୍ତିକ ପାତ୍ର, ନୀଳମାଧ୍ୱ ଭୁଆଁ, ନିରଞ୍ଜନ ବେହେରା, ଜଗଦୀଶ ମହାରଣା, ଲୋକନାଥ ପଣ୍ଡିତ, ରବି ପାଢ଼ି, ଶିବ ଶଙ୍କର ପାତ୍ର ନିଜ ଜୀବନ କୁ ବାଜି ଲଗାଇ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଏମାନଙ୍କ ଅକ୍ଳାନ୍ତ ପରିଶ୍ରମ ସେନାବାହିନୀ ମିଳିତ ସହଯୋଗରେ ଆହତ ଲୋକମାନଙ୍କୁ ଉଦ୍ଧାର କରିବା କାର୍ଯ୍ୟ ସୁଗମ ହୋଇପାରିଛି। ଏହା ଫଳରେ ଅନେକ ଗୁରୁତର ଲୋକଙ୍କ ଜୀବନ ରକ୍ଷା କରିବାରେ ସକ୍ଷମ ହୋଇପାରିଛି ।

## ବିଷମ କଟକରେ ତଦନ୍ତ କଲେ ଦୁଇ ଉପଜିଲ୍ଲାପାଳ

**ବିଷମ କଟକ,(ମହାଭାରତ) :** ରାୟଗଡ଼ା ଜିଲ୍ଲା ବିଷମକଟକ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୁଇ ଉପଜିଲ୍ଲାପାଳ ତଥା ରାୟଗଡା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଏବଂ ଗୁଣପୁର ଉପଜିଲ୍ଲାପାଳ କିରନ ଦୀପ କୈର ସହତା ଙ୍କ ନେତୃତ୍ୱ ରେ ଏକ ଟିମ ଆଜି ସକାଳ ଠାରୁ ତଦନ୍ତ ଆସି ତଦନ୍ତ ଚାଲୁ ରଖିଛନ୍ତି। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିମା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ର ସେଠୀ ବିଷମ କଟକ ତହସିଲଦାର କେ ଭେଙ୍କଟସ୍ ରେଡିଙ୍କ



ଉପସ୍ଥିତ ରେ ଏହି ତଦନ୍ତ ପ୍ରକ୍ରିୟା ଚାଲିଥିଲା। ଗତକାଲି ୬୩ ଜଣ ଛାତ୍ରୀ ଜିଲ୍ଲାପାଳଙ୍କ ନିକଟରେ ନିର୍ଯ୍ୟାତନା ହୋଇଥିବା ଅଭିଯୋଗ କରିଥିଲେ। ଜଣ ଜଣ କରି ପ୍ରତ୍ୟକ ଛାତ୍ରୀ ଙ୍କୁ ତଦନ୍ତ କରି ପଚାରାଉଚରା କରାଯାଉଛି। ଏହାପରେ ଅନୁଷ୍ଠାନ ର ପିନିସ୍ ପାଲ ଶରତ ଚନ୍ଦ୍ର ସେଠିଙ୍କୁ ମଧ ପଚାରୁଚୁରା କରୁଛନ୍ତି। ଏବଂ ସବୁ ରେକର୍ଡ ତନଖି କରାଯାଇଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଅନ୍ୟ ଏକ ଟିମ ଗଠନ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି। ବର୍ତମାନ ସୁଧା ଏପର୍ଯ୍ୟନ୍ତ ତଦନ୍ତ ଜାରି ରହିଛି।

## ଚାନ୍ଦା ଆଦାୟ କରି ପୁଲିସ ବାବୁ ଗିରଫ , ଜାଲ୍ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ଦେଇ ଯୁବକ ଗିରଫ

**ନୟାଗଡ,(ମହାଭାରତ) :** ଗତ ମାସରେ ନୟାଗଡ଼ ପୁଲିସକୁ ମିଳିଛି ବଡ଼ ସଫଳତା। ଆଜି ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲାର ପ୍ରତ୍ୟେକ ଥାନାରେ ହୋଇଥିବା ସଫଳତା ସମ୍ପର୍କରେ ସୂଚନା ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଣେ ପୁଲିସ ବାବୁ ଚାନ୍ଦା ଆଦାୟ କରି ସସ୍ପେଣ୍ଡ ହେବା ସହ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଓଡ଼ଗାଁ ଥାନାରେ କଦଳୀବନ୍ଧ ଗ୍ରାମର କାଳୁ ପ୍ରଧାନ ଙ୍କ ଠାରୁ ଚାନ୍ଦା ଆଦାୟ ନିମନ୍ତେ ଏକ ଅଭିଯୋଗ କରିଥିଲେ। ପୁଲିସ ବାବୁ ତାଙ୍କୁ ୫ ହଜାର ଟଙ୍କା ଚାନ୍ଦା ମାଗିଥିଲେ। ପୁଲିସ ବାବୁ ଦିଲ୍ଲୀପ କୁମାର ନାହାକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଭାବେ ନୂଆଗାଁ ଥାନା ପକ୍ଷରୁ ନକଲି ଜନ୍ମ ମୃତ୍ୟୁ ସାର୍ଟିଫିକେଟ ଦେଇ ଜଣଙ୍କୁ ପୁଲିସ ଗିରଫ କରିଛି। ସୂଚନା ଅନୁସାରେ ଜଗତସିଂପୁର ଜିଲ୍ଲା କୁଜଙ୍ଗ ଥାନା ଅଗପଡା ଗ୍ରାମର କାଳନ୍ଦୀ ଚରଣ ସାହୁଙ୍କ ପୁଅ ସୁଧିର କୁମାର ସାହୁ ଜାଲ ମୃତ୍ୟୁ ସାର୍ଟିଫିକେଟକୁ ନେଇ ନୟାଗଡ଼ ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ କରିଥିଲେ। ଅମୂଲ୍ୟ ନିଶଙ୍କଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ଜାନକୀ ନିଶଙ୍କଙ୍କର ମୃତ୍ୟୁ ସାର୍ଟିଫିକେଟ ଆବଶ୍ୟକ ପଡିଥିଲା । ଅଭିଯୁକ୍ତ ତାଙ୍କୁ ଏକ ଜାଲ ସାର୍ଟିଫିକେଟ ଦେଇଥିବାର ଜଣା ପଡିଥିଲା। ଲେବର କାର୍ଡରେ ସହାୟତା



ପାଇବା ପାଇଁ ସେ ମୃତ୍ୟୁ ସାର୍ଟିଫିକେଟ ବାହାର କରିବା ପାଇଁ ଅଭିଯୁକ୍ତ ତାଙ୍କ ଠାରୁ ୧୦୦୦ ଟଙ୍କା ନେଇ ମୃତ୍ୟୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଭେରିଫିକେସନ ବେଳେ ଏହା ଜାଲ ବୋଲି ଜଣା ପଡିଥିଲା। ନୟାଗଡ଼ ପୁଲିସ ପକ୍ଷରୁ ତଦନ୍ତ କରାଯାଇ ନୂଆଗାଁ ଥାନା ନୂଆ ସାହିର ବିଜୟ କୁମାର ମହାନ୍ତିଙ୍କ ପୁଅ ସଞ୍ଜୟ ମହାନ୍ତିଙ୍କୁ ପୁଲିସ ଗିରଫ କରିଛି। ସଞ୍ଜୟ ନୂଆଗାଁ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ସାମ୍ ?ନାରେ ଏକ କମ୍ପ୍ୟୁଟର ଦୋକାନ ଦେଇଛନ୍ତି। ପୁଲିସ ପକ୍ଷରୁ କିଉଆରକୋଡ୍ ମାଧ୍ୟମରେ ତଦନ୍ତ କରି ଅଭିଯୁକ୍ତ ସଞ୍ଜୟକୁ ଗିରଫ କରିଛି। ତାଙ୍କ ଠାରୁ ଏକ ଏଲଜି କମ୍ପାନିର କମ୍ପ୍ୟୁଟର, କଲର ପ୍ରିଣ୍ଟର, ସିପିୟୁ, କି ବୋର୍ଡ, ମାଉସ, ପାୱାର କେବୁଲ ମନିଟର ଓ କନେକ୍ଟରକୁ ପୁଲିସ ଜବତ କରିଛି। ନୂଆଗାଁ ଥାନାରେ କେସ୍ ନଂ ୧୩୯ରେ ମାମଲା ରୁଜୁ କରାଯାଇ ସଞ୍ଜୟକୁ ଗିରଫ କରିବା ସହ କୋର୍ଟ ଫରୁଓ୍ୱାର୍ଡ କରିଛି। ସଞ୍ଜୟ ଏଥି ସହ ଏହା ପୂର୍ବରୁ ଜଣଙ୍କୁ ଜନ୍ମ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହା ମଧ୍ୟ ନକଲି ଥିଲା ବୋଲି ଜଣା ପଡିଛି। ଗତ କାଲି ଦଶପଲ୍ଲା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୬୦ କେଜି ଗଞ୍ଜେଇ ଜବତ କରିବା ସହ ଏକ କର୍ କୁ ଜବତ କରିଛି। ଏଥି ସହିତ ତାଙ୍କ ଠାରୁ ଦୁଇ ଗୋଟି ମୋବାଇଲ ଫୋନ ଜବତ କରାଯାଇଛି। ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେ ହେଲେ ଡିହଗାଁର ମୁକେଶ କୁମାର ନନ୍ଦ, ମଧଖଣ୍ଡ ବଡ଼ ସାହିର ଅରୁଣ କୁମାର ପ୍ରଧାନ, ନେଳିଗୁଡା ଗ୍ରାମର ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ରାକେଶ କୁମାର ପ୍ରଧାନଙ୍କୁ ଦଶପଲ୍ଲା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଫତେଗଡ଼ ଥାନା ପକ୍ଷରୁ ପେଟ୍ରୋଲିଂ ସମୟରେ ଭାପୁର ବାଇପାସ ନିକଟରୁ ଦୁଇ ଗୋଟି ଚୋରା ବାଇକକୁ ଜବତ କରାଯାଇଛି। ଅଭିଯୁକ୍ତ ହେଲେ କରଡ଼ାପଲ୍ଲୀ ଗ୍ରାମର ଶ୍ରୀବତ୍ସ ନାୟକଙ୍କୁ ଗତ କାଲି ଗିରଫ କରାଯାଇ କୋର୍ଟ ଫରୁଓ୍ୱାର୍ଡ କରାଯାଇଛି। ନୟାଗଡ଼ ପୁଲିସ ପକ୍ଷରୁ ଆଜି ମୋଟ ୩୦୧ କେଜି ୨୩୬ ଗ୍ରାମ ଗଞ୍ଜେଇକୁ ଖୋର୍ଦ୍ଧାରେ ଡିସ୍ପୋଚାଲ କରାଯାଇଛି। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି। ଦଶପଲ୍ଲା ଥାନାରୁ ୯ କେଜି ୨୦୦ ଗ୍ରାମ ଗଞ୍ଜେଇ, ଅନ୍ୟ ଏକ ମାମଲା ମଲାରେ ଦଶପଲ୍ଲା ଥାନ ପକ୍ଷରୁ ୧୫ କେଉଁ କେଜି ଗଞ୍ଜେଇ, ଅନ୍ୟ ଏକ ମାମଲାରେ ଦଶପଲ୍ଲା ଥାନାରୁ ୨୪ କେଜି ଗଞ୍ଜେଇ, ଇଟାମାଟି ଥାନା ପକ୍ଷରୁ ୫୮ କେଜି ୬୦୦ ଗ୍ରାମ ଗଞ୍ଜେଇ, ଫତେଗଡ଼ ଥାନା ପକ୍ଷରୁ ୫୮ କେଜି ୬ ଗ୍ରାମ ଗଞ୍ଜେଇ ଓ ନୟାଗଡ଼ ଟାଉନ ଥାନା ପକ୍ଷରୁ ୫୩ କେଜି ୪୩୦ ଗ୍ରାମ ଗଞ୍ଜୀଇ ଜବତ ହୋଇ ଗଛିତ ହୋଇ ରହିଥିଲା। ଆଜି ମୋଟ ୩୦୧ କେଜି ୨୩୬ ଗ୍ରାମ ଗଞ୍ଜେଇକୁ ଡିସ୍ପୋଚାଲ କରାଯିବ। ଏଥି ସହିତ ପୁଲିସ ପକ୍ଷରୁ ୬୯୨ ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି ଏବଂ ୫ ଜଣଙ୍କୁ ଦଣ୍ଡିତ କରାଯାଇଛି। ନିର୍ବାଚନ ସମୟରେ ୧୦୮ ଜଣ ପୁଲିସ ଭଲ କାର୍ଯ୍ୟ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଛି। ବିଭିନ୍ନ କେସର ସଫଳତା ନିମନ୍ତେ ୩୨ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ତମ କାର୍ଯ୍ୟ ନିମନ୍ତେ ୪୭୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶାରୀରିକ ସୁସ୍ଥତା ପାଇଁ ୭୬ ଜଣଙ୍କୁ ନୟାଗଡ଼ ପୁଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟ ଏକ ପକ୍ଷରେ ଅନ୍ୟ ରାଜ୍ୟରୁ ୨୦୦ ମିସିଙ୍ଗ୍ ମୋବାଇଲ ଜବତ କରାଯାଇଛି। ସେଥି ମଧ୍ୟରୁ ୫୦ ଜଣଙ୍କୁ ମୋବାଇଲ ଫେରସ୍ତ କରାଯାଇଥିବା ବେଳେ ଅନ୍ୟ ଏକ ଦିନରେ ୧୫୦ ଲୋକଙ୍କୁ ମୋବାଇଲ ଫେରସ୍ତ କରାଯିବ। ନୟାଗଡ଼ ପୁଲିସ ପକ୍ଷରୁ ବରିଷ୍ଠ ନାଗରିକ ମାନେ ଯେପରି କୌଣସି ଅସୁବିଧାରେ ସମ୍ମୁଖୀନ ହେବେ ନାହିଁ ଏବଂ ସମସ୍ତ ବରିଷ୍ଠ ନାଗରିକ ମାନେ ନ୍ୟାୟ ପାଇବେ ସେଥି ନିମନ୍ତେ ପ୍ରତି ପଞ୍ଚାୟତରୁ ୫ ଜଣ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ହ୍ୱାଟସାପ୍ ଗ୍ରୁପ ତିଆରି କରିବା ପାଇଁ ପୁଲିସ ପକ୍ଷରୁ ଯୋଜନା କରାଯାଇଛି। ବରିଷ୍ଠ ନାଗରିକ ପାଇଁ ସ୍ୱତନ୍ତ୍ର ଡେସ୍କ ପ୍ରତି ଥାନାରେ କାର୍ଯ୍ୟ କରିବ ବୋଲି ଆରକ୍ଷୀ ସୂଚନା ଦେଇଛନ୍ତି। ସିସିଟିଏନଏସ ନୟାଗଡ଼ ଜିଲ୍ଲା ସାରା ରାଜ୍ୟରେ ୧୫ ରୁ ଆସି ୩ ନମ୍ବର ଜିଲ୍ଲାରେ ପହଞ୍ଚିଛି । ନୟାଗଡ଼ ଜିଲ୍ଲାର ସମସ୍ତ କଲେଜର ଅଧକ୍ଷ ମାନଙ୍କୁ ଚିଠି କରାଯାଇ ଯେପରି କୌଣସି ନାବାଳକ ଗାଡ଼ି ନଚଲାଇବେ ସେଥି ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଶ ପଣ୍ଡା, ଏସଡିପିଓ ସୁଦର୍ଶନ ଡାଙ୍ଗୋଇ ଓ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ରହିଥିଲେ।

# ହକି : ଡିଫେଣ୍ଡିଂ ଚାମ୍ପିୟନ ବେଲଜିୟମ ବିଦା



**ପ୍ୟାରିସ,୪।୮(ଏଜେନ୍ସି):** ଗ୍ରୁପ ପର୍ଯ୍ୟାୟରେ ଅପରାଜେୟ ରହି କ୍ୱାର୍ଟରକୁ ଆସିଥିବା ବେଲଜିୟମ ଅପେକ୍ଷାକୃତ ଦୁର୍ବଳ ସ୍ପେନ ଠାରୁ ୨-୩ ଗୋଲରେ ହାରି ପ୍ୟାରିସ ଅଲିମ୍ପିକ୍ସରୁ ବିଦାୟ ନେଇଛି। ଏଥିସହ ସ୍ପେନ ପ୍ରଥମଥର ପାଇଁ ଅଲିମ୍ପିକ୍ସ ହକିର ସେମିଫାଇନାଲରେ ପ୍ରବେଶ କରି ନୂଆ ଇତିହାସ ସୃଷ୍ଟି କରିଛି। ପ୍ୟାରିସ ଅଲିମ୍ପିକ୍ସରେ ଘଟିଛି ବିପର୍ଯ୍ୟୟ। ବିଶ୍ୱର ୧ ନଂ ହକି ଟିମ ତଥା ଟୋକିଓ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ବେଲଜିୟମ ପୁରୁଷ ହକି ଟିମ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି।

ମ୍ୟାଚ୍ ଆରମ୍ଭରୁ ହିଁ ବେଲଜିୟର ପଲା ଭାରି ରହିଥିଲା ଦଳ ଘନଘନ ଆକ୍ରମଣ କରି ସ୍ପେନ ଉପରେ ଚାପ ପକାଇଥିଲା କିନ୍ତୁ ସ୍ପେନର ରକ୍ଷଣଭାଗ ବେଲଜିୟର ସବୁ ଆଶାରେ ପାଣି ପକାଇ ଦେଇଥିଲା। ପ୍ରଥମ ହାଫ ଗୋଲଶୂନ୍ୟ ରହିଥିଲା।

ତୃତୀୟ କ୍ୱାର୍ଟରରେ ସ୍ପେନ ପ୍ରଥମେ ଖାତା ଖୋଲିଥିଲା ମ୍ୟାଚ୍‌ର ୪୦ ତମ ମିନିଟରେ ମାରିସ ଜୋସେ ବାସ୍କେରା ଗୋଲ କରି ସ୍ପେନକୁ ୧-୦ରେ ଆଗୁଆ କରି ଦେଇଥିଲେ। ପରବର୍ତ୍ତୀ ମିନିଟରେ ବେଲଜିୟମ ପାଇଁ ଅର୍ଥୁର ସ୍ଲୋଭର ଗୋଲ କରି ସ୍ଥିତି ବରାବର କରି ଦେଇଥିଲେ।

ସ୍ଥିତ ବରାବର ହେବା ପରେ ସ୍ପେନ ତାର ଆଟାକକୁ ଆହୁରି ଜୋରଦାର କରିଥିଲା ୫୫ମତମ ମିନିଟରେ ମାର୍କ ରେୟନେ ଓ ୫୭ ମିନିଟରେ ମାର୍କ ମିରାଲେସ ଗୋଲ କରି ସ୍ପେନକୁ ୩-୧ରେ ଆଗୁଆ କରି ଦେଇଥିଲେ। ମ୍ୟାଚ୍ ସରିବାକୁ ୨ ମିନିଟ ଥିବା ବେଳେ ବେଲଜିୟମକୁ ପିସି ମିଳିଥିଲା। ଏହାକୁ ଷ୍ଟାର ଷ୍ଟ୍ରାଇକର ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ଗୋଲରେ ପରିଣତ କରି ନୂଆ ଅଶୋ ସୃଷ୍ଟି କରିଥିଲେ। ବେଲଜିୟମ ଅଲଆଉଟ ଆଟକା ମଧ କରିଥିଲା। ଏହାର ଫାଇଦା ଦଳକୁ ଫୁଲ ଟାଇମର ୪ ସେକେଣ୍ଡ ପୂର୍ବରୁ ମିଳିଥିଲା।

ମ୍ୟାଚ୍‌କୁ ବରାବର କରିବା ପାଇଁ ବେଲଜିୟମ ପିସି ମଧ ପାଇଥିଲା ହେଲେ ସ୍ପେନ ଗୋଲ କିପର ଏହାକୁ ଅଟକାଇ ଦେଇଥିଲେ ଏଥିସହ ସ୍ପେନ ଅପ୍ରତ୍ୟାଶିତ ବିଜୟ ସହ ସେମିରେ ପ୍ରବେଶ କରିଥିଲା।

# ଚାମ୍ପିଅନ୍ସ ଟ୍ରଫି ପାଇଁ ଆଇସିସିର ପ୍ଲାନ୍-ବି

ନୂଆଦିଲ୍ଲୀ,୪।୮: ଚାମ୍ପିଅନ୍ସ ଟ୍ରଫି ୨୦୨୫ ୧୯ ଫେବୃଆରୀରୁ ୯ ମାର୍ଚ୍ଚ ପର୍ଯ୍ୟନ୍ତ ପାକିସ୍ତାନ ଦ୍ୱାରା ଆୟୋଜିତ ହେବ। ଭାରତୀୟ ଦଳ ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରିବ କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଯଦିଓ ବିସିସିଆଇ ଆନୁଷ୍ଠାନିକ ଭାବେ ଏହି ବିଷୟରେ ସ୍ପଷ୍ଟ କରିନାହିଁ, କିନ୍ତୁ ମିଡିଆ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି ଯେ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତରେ ଯିବାକୁ ଟିମ ଇଣ୍ଡିଆର ମୁଡ୍ ନାହିଁ ବର୍ତ୍ତମାନ ଆଇସିସି ପାକିସ୍ତାନକୁ ୪୪୦ ଭୋଲ୍ଟର ଝଟକା ଦେଇ ଟୁର୍ନାମେଣ୍ଟ ପାଇଁ ପ୍ଲାନ-ବି ପ୍ରସ୍ତୁତ କରିଛି।




କଲମ୍ବୋରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭା (ଏଜିଏମ)ରେ ଚାମ୍ପିଅନ୍ସ ଟ୍ରଫି ପାଇଁ ଆଇସିସି ପ୍ରାୟ ୬୫ ମିଲିୟନ ଡଲାରର ବଜେଟ ଅନୁମୋଦନ କରିଛି। ଏହି ବଜେଟରେ, ଆଇସିସି ସେହି ସବୁ ଦିଗକୁ ଦେଖି ପ୍ରସ୍ତୁତ, କରିଛି ଯାହା ବର୍ତ୍ତମାନ ଆଲୋଚନା ହେଉଛି। ଉଦାହରଣ ସ୍ୱରୂପ, ଆଇସିସି ବଜେଟ ପ୍ରକାଶ କରିଛି ଯେ ଯଦି ଭାରତ ଏହି ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରେ ନାହିଁ, ତେବେ ପାକିସ୍ତାନ ବାହାରେ ମଧ କିଛି ମ୍ୟାଚ ଆୟୋଜିତ ହୋଇପାରିବ।

ଏହିପରି ଏହାର ପ୍ଲାନ ବି ସହିତ ଆଇସିସି ପାକିସ୍ତାନକୁ ୪୪୦ ଭୋଲ୍ଟର ଏକ ଝଟ୍‌କା ଦେଇଛି। ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। କିନ୍ତୁ ପାକିସ୍ତାନ ଭାରତକୁ ଦୃଷ୍ଟିରେ ରଖି ଟୁର୍ନାମେଣ୍ଟ ପାଇଁ ଡ୍ରାଫ୍ଟ ସୂଚୀ ପ୍ରସ୍ତୁତ କରିଛି। ଡ୍ରାଫ୍ଟ କାର୍ଯ୍ୟସୂଚୀ ଅନୁଯାୟୀ, ଲାହୋରରେ ଟିମ ଇଣ୍ଡିଆର ସମସ୍ତ ମ୍ୟାଚ ଅନୁଷ୍ଠିତ ହେବ। ପାକିସ୍ତାନ, ବାଂଲାଦେଶ ଏବଂ ନ୍ୟୁଜିଲାଣ୍ଡ ସହିତ ଟିମ ଇଣ୍ଡିଆକୁ ଗ୍ରୁପ-୧ରେ ସ୍ଥାନିତ କରାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୨୩ରେ ଖେଳାଯାଇଥିବା ଏସିଆ କପ ଆୟୋଜନ କରିବାର ପାକିସ୍ତାନକୁ ମଧ ସୁଯୋଗ ମିଳିଥିଲା, କିନ୍ତୁ ଟୁର୍ନାମେଣ୍ଟ ପାଇଁ ଟିମ ଇଣ୍ଡିଆ ପାକିସ୍ତାନ ଗସ୍ତ କରି ନ ଥିଲା ଭାରତୀୟ ଦଳ ବିପକ୍ଷରେ ମ୍ୟାଚ ହାଇବ୍ରିଡ ମଡେଲ ଅଧୀନରେ ଶ୍ରୀଲଙ୍କାରେ ଖେଳାଯାଇଥିଲା। ବର୍ତ୍ତମାନ ଚାମ୍ପିଅନ୍ସ ଟ୍ରଫି ସମ୍ବନ୍ଧରେ ଚୂଡ଼ାନ୍ତ ନିଷ୍ପତ୍ତି କଣ ତାହା ଦେଖିବାକୁ ଆକର୍ଷଣୀୟ ହେବ।

# ଖାଲି ହାତରେ ଫେରିଲେ ଲଭଲିନା



ପ୍ୟାରିସ,୪।୮(ଏଜେନ୍ସି): ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ବକ୍ସିଂରେ ବ୍ରୋଞ୍ଜ ପଦକ ଜିତିଥିବା ଲଭଲିନା ବୋର୍ଗୋହେନ୍ ପ୍ୟାରିସରେ ସମସ୍ତଙ୍କୁ ନିରାଶ କରିଛନ୍ତି। ସେ ଆଜି କ୍ୱାର୍ଟର ଫାଇନାଲରେ ବିଶ୍ୱର ୧ନଂ ବକ୍ସର ଚାଇନାର କିଆନ ଲିଙ୍କ ଠାରୁ ପରାସ୍ତ ହୋଇଛନ୍ତି।

ଲି ୪-୧ରେ ମ୍ୟାଚ୍ ଜିତି ସେମିରେ ପ୍ରବେଶ କରିବା ସହ ନିଜ ଦେଶ ପାଇଁ ବ୍ରୋଞ୍ଜ ପଦକ ପକ୍କା କରିଛନ୍ତି କାରଣ ସେମିରେ ପ୍ରବେଶ କରୁଥିବା ଖେଳାଳି ନିଶ୍ଚିତ ଭାବେ ପଦ ପାଇବାର ପ୍ରାବଧାନ ରହିଛି। ଲଭଲିନା ଯଦି ଆଜିର ମ୍ୟାଚ ଜିତି ନେଇଥାଆନ୍ତେ, ତାହେଲେ ଭାରତର ବ୍ରୋଞ୍ଜ ପଦକ ପକ୍କା ହୋଇଯାଇ ଥାଆନ୍ତା। କିନ୍ତୁ ଲଭଲିନା ପରାସ୍ତ ହୋଇ ପ୍ୟାରିସ ଅଲିମ୍ପିକ୍ସରୁ ବିଦାୟ ନେଇଛନ୍ତି। ଭାରତ ମଧ ଏଥର ବକ୍ସିଂରୁ କୌଣସି ଅଲିମ୍ପିକ୍ସ ପଦକ ପାଇବାକୁ ସକ୍ଷମ ହୋଇନି।୭୫ କେଜି ବର୍ଗର ମହିଳା ଏକକର ଆଜିର ମ୍ୟାଚ୍‌ରେ ଲି ଦମଦାର ପ୍ରଦର୍ଶନ କରି ଲଭଲିନାଙ୍କୁ ପଞ୍ଚ ମାରିବାକୁ କୌଣସି ସୁଯୋଗ ଦେଇ ନଥିଲେ। ତଥାପି ଲଭଲିନା କିଛିଟା ଦମ ଦେଖାଇଥିଲେ ଲଢ଼ି ଏହି ସେଟକୁ ୩-୨ରେ କବଜା କରିଥିଲେ। ଦ୍ୱିତୀୟ ସେଟରେ ଲଭଲିନା କମବ୍ୟାକ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଶ୍ୱର ୧ନଂ ମାନ୍ୟତା ପ୍ରାପ୍ତ ଲି କୌଣସି ପ୍ରକାରର ଢିଲା ନୀତି ପ୍ରଦର୍ଶନ କରି ନଥିଲେ। ଦ୍ୱିତୀୟ ସେଟକୁ ମଧ ସେ ୩-୨ରେ ଜିତିଥିଲେ। ନିର୍ଣ୍ଣାୟକ ସେଟରେ ଲଭଲିନା ଅଲଆଉଟ ଆଟାକରେ ଯାଇଥିଲେ। ହେଲେ ତାଙ୍କୁ ସେତେଟା ସଫଳତା ମିଳି ନଥିଲା। ଶେଷରେ ସେ ୪:୧ରେ ମ୍ୟାଚ୍‌କୁ ଜିତି ଲଭଲିନାଙ୍କୁ ବାହାରର ରାସ୍ତା ଦେଖାଇଥିଲେ।

# ସେମିରେ ହାରି ବ୍ରୋଞ୍ଜ ପାଇଁ ଲଢ଼ିବେ ଲକ୍ଷ୍ୟ

ନୂଆଦିଲ୍ଲୀ,୪।୮(ଏଜେନ୍ସି): ବିଶ୍ୱର ଦୁଇ ନମ୍ବର ସିଡ୍ ତଥା ଡେନମାର୍କର ଷ୍ଟାର ଭିକ୍ଟର ଆକ୍ସେଲସେନ ସହ କଡ଼ା ଲଢ଼େଇ କରି ହାରି ଯାଇଛନ୍ତି। ଭାରତର ଲକ୍ଷ୍ୟ ସେନ ପ୍ୟାରିସ ଅଲିମ୍ପିକ୍ସର ପୁରୁଷ ଏକକ ବ୍ୟାଡମିଣ୍ଟନ ସେମିଫାଇନାଲ ମ୍ୟାଚ୍‌ରେ ହାରି ଲକ୍ଷ୍ୟ ସମସ୍ତଙ୍କୁ ନିରାଶ କରିଛନ୍ତି।

ସେ ଭିକ୍ଟରଙ୍କ ଠାରୁ ୦-୨ରେ ହାରି ଯାଇଛନ୍ତି। ଭିକ୍ଟର ୨୨-୨୦ ଓ ୨୧-୧୪ରେ ତାଙ୍କୁ ହରାଇ ଦେଇଛନ୍ତି। ସେମି ଫାଇନାଲରେ ଲକ୍ଷ୍ୟ ପରାସ୍ତ ହୋଇଥିଲେ ହେଁ ଭାରତର ପଦକ ଆଶା ତାଙ୍କ ଠାରୁ ଶେଷ ହୋଇନାହିଁ। ଏବେ ସେ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବେ। ଆସନ୍ତାକାଲି ସନ୍ଧ୍ୟା ୬ଟାରେ ଲକ୍ଷ୍ୟ ଓ ମାଲେସିୟାର ଲି ଜି ଜିଆଙ୍କ ମଧରେ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ ହେବ। ପ୍ୟାରିସ ଅଲିମ୍ପିକ୍ସରେ ଏଯାଏ ଦମ ଦେଖାଇଥିବା ୨୨ ବର୍ଷୀୟ ଲକ୍ଷ୍ୟ ସେନ ଆଜି ମଧ ନିଜ ପ୍ରତିଭାର ଯାଦୁ ଦେଖାଇଥିଲେ ଭିକ୍ଟର ଟପ୍ ସିଡ୍ ହୋଇଥିଲେ ହେଁ ପ୍ରଥମ ସେଟରେ ଲକ୍ଷ୍ୟ ତାଙ୍କୁ ପାଣି ପିଆଇ ଦେଇଥିଲେ। ପ୍ରଥମ ସେଟରେ ଲକ୍ଷ୍ୟଙ୍କୁ ୩ଟି ଗେମ ପଏଣ୍ଟ ମିଳିଥିଲେ ହେଁ ସେ ସୁଯୋଗ ହାତ ଛଡ଼ା କରିଥିଲେ। ଏଥିସହ ୧୫-୧୧ ପଛରେ ଥିବା ଭିକ୍ଟର ଆକ୍ସେଲସେନ ଜବରଦସ୍ତ କମବ୍ୟାକ କରିଥିଲେ। ଏପରି କି ପ୍ରଥମ ସେଟକୁ ମଧ ୨୨-୨୧ରେ ଜିତି ଲକ୍ଷ୍ୟଙ୍କୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଦ୍ୱିତୀୟ ସେଟରେ ଲକ୍ଷ୍ୟ ୭-୦ରେ ଆଗରେ ରହିଥିଲେ। ଭିକ୍ଟର ପୁଣି ଜବରଦସ୍ତ କମବ୍ୟାକ କରି ସ୍ଥିତି ୧୦-୧୦ କରି ଦେଇଥିଲେ ତେବେ ଲକ୍ଷ୍ୟ ଦ୍ୱିତୀୟ ସେଟରୁ ପ୍ରଥମ ହାଫକୁ ୧୧-୧୦ରେ ଜିତି ନେଇଥିଲେ।



ଦ୍ୱିତୀୟ ସେଟର ପ୍ରଥମ ହାଫ ପରେ ଲକ୍ଷ୍ୟଙ୍କ ଲୟକୁ ଭିକ୍ଟର ପୂରା ବଦଳାଇ ଦେଇଥିଲେ। ସେ ଆଟାକ କରି ଲକ୍ଷ୍ୟଙ୍କୁ ପୂରା ଧରାଶାୟୀ କରିଥିଲେ। ଶେଷରେ ୨୧-୧୪ରେ ସେଟ ସହ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି ପୂରା ମ୍ୟାଚ୍ ୫୪ ମିନିଟ ଧରି ଚାଲିଥିଲା।

ପ୍ୟାରିସ ଅଲିମ୍ପିକ୍ସରେ ଲକ୍ଷ୍ୟ ସେନଙ୍କୁ ଛାଡ଼ି ଭାରତର ଅନ୍ୟ ସମସ୍ତ ବ୍ୟାଡମିଣ୍ଟନ ଖେଳାଳି ବିଦାୟ ନେଇଛନ୍ତି ତେଣୁ ଲକ୍ଷ୍ୟ ସେନଙ୍କ ଠାରୁ ଭାରତ ଅତିକମରେ ବ୍ରୋଞ୍ଜ ପଦକର ଆଶା ରଖିଛି।

# ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନର ସଫଳତା

**ଢେଙ୍କାନାଳ,୨।୮(ଏଜେନ୍ସି):** ଗୋଆର ମାପୁସା ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ସର୍ବ ଭାରତୀୟ ସିନିୟର ଏବଂ ମାଷ୍ଟର କିକ୍ ବକ୍ସିଂ ଚମ୍ପିଆନ୍ ସିପ୍ ଜୁଲାଇ ୨୪ରୁ ୨୮ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ରେ ଓ୍ୱାକୋ ଓଡିଶା ତରଫ ରୁ ୮୪ ଜଣ ବାଳକ, ବାଳିକା ଓ ଅଧିକାରୀ ଅଂଶ ଗ୍ରହଣ କରିଥିଲେ। ସେଥି ମଧରୁ ଢ଼େଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ ତରଫ ରୁ ୧୬ ଜଣ ଖେଳାଳୀ ଏବଂ ୧ଜଣ କୋଚ୍ ଅଂଶ ଗ୍ରହଣ କରିଥିଲେ। ସେଥି ମଧରୁ ବାଳିକା ବିଭାଗ ରେ ୧:- ଶ୍ରୀୟଙ୍କା ସାମଲ( -୪୦ କେଜି ପିଏଫ, କେଏଲରେ ଦୁଇଟି କାଂସ୍ୟ ପଦକ) ୨:- ଅରୁନ୍ଧତୀ ସାହୁ (-୪୫କେଜି ପିଏଫ, କେଏଲ, ରେ ଦୁଇଟି କାଂସ୍ୟ ପଦକ), ୩:- ରୁପା ନାଏକ୍ (-୫୦ କେଜି, ଏଲସି କାଂସ୍ୟ ପଦକ), ୪:-ଜ୍ୟୋତି ବେହେରା(-୫୫ କେଜି, କେଏଲରେ କାଂସ୍ୟ ପଦକ), ୫:-ରୋସନୀ ବେଗମ୍ (-୬୦ କେଜି, ପିଏଫ ରେ କାଂସ୍ୟ ପଦକ), ୬:- ଶୁଭଶ୍ରୀ ରାଉତ (-୬୦କେଜି, ଏଲ୍‌ସିରେ କାଂସ୍ୟ ପଦକ), ବାଳକ ବିଭାଗରେ । ୧:- ଦୁଲାରାମ୍ ହାସଦା (-୫୧ କେଜି ରେ କାଂସ୍ୟ ପଦକ) । ୨:- ସୁଶିଲ୍ କୁମାର ରାଉତ (-୫୭ କେଜି ରେ କାଂସ୍ୟ ପଦକ)।୩:- ଚନ୍ଦନ୍ ସାହୁ (-୬୩ କେଜି, ରେ ଦୁଇଟି କାଂସ୍ୟ ପଦକ)।୪:-ରତିକାନ୍ତ ସାହୁ(+୯୪ କେଜି ରେ କାଂସ୍ୟ ପଦକ) ପାଇଥିଲେ। ।



ଢ଼େଙ୍କାନାଳ ଜିଲ୍ଲାର ମିହିର କୁମାର୍ ସାହୁ ଙ୍କୁ ଓଡ଼ିଶା ର କୋଚ୍ ଭାବରେ ଯାଇ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସଫଳତା ପାଇଁ ଜିଲ୍ଲା ଏ.ଡି.ଏମ୍ ରମେଶଚନ୍ଦ୍ର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦିପ୍ତ କୁମାର ମହାନ୍ତି, ଓ୍ୱାକୋ ଓଡ଼ିଶାର ମୁଖ୍ୟ ଉପଦେଷ୍ଟା ଭବାନୀ ପ୍ରସାଦ ମିଶ୍ର , ସଭାପତି କାର୍ତ୍ତିକ୍ ଡ଼ାକୁଆ, ଢ଼େଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍ ର ସଭାପତି ଶଶିକାନ୍ତ ଗଡ଼ନାୟକ, ଉପସଭାପତି ସନ୍ତୋଷ କୁମାର ପରିଡ଼ା , ସମ୍ପାଦିକା କିରଣରାଣୀ ସାହୁ, ଯୁଗ୍ମ ସମ୍ପାଦକ ବାପି ସାମଲ, କୋଷାଦକ୍ଷ ଅରବିନ୍ଦ ବେହେରା ଏବଂ କୋଚ୍ ମିହିର କୁମାର ସାହୁ ଆସୋସିଏସେନ ର ସମସ୍ତ ସଦସ୍ୟ ମାନ ଏହି ଖେଳାଳୀମାନଙ୍କୁ ସୁଭେଚ୍ଛା ଓ ସୁଭକାମନା ଜଣାଇଛନ୍ତି।

## ଜୁଲିଆନ୍ ଆଲଫ୍ରେଡ୍ ବିଶ୍ୱର ଦ୍ରୁତତମ ଧାବିକା

ପ୍ୟାରିସ୍,୪।୮: ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ୧୦୦ ମିଟର ମହିଳା ସ୍ପ୍ରିଣ୍ଟରେ ସେଣ୍ଟ ଲୁସିଆର ଜୁଲିଆନ୍ ଆଲଫ୍ରେଡ୍ ବିଜୟୀ ହୋଇଛନ୍ତି। ନିଟ୍ ରେକର୍ଡ ସହିତ ଆଲଫ୍ରେଡ୍ ୧୦.୭୨ ସେକେଣ୍ଡର ଟାଇମିଂ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟ ପକ୍ଷରେ ଆମେରିକାର ଶା କାରି ରିଚାର୍ଡସନ ୧୦.୮୭ ସେକେଣ୍ଡର ଟାଇମିଂ ସହ ଦ୍ୱିତୀୟ ଓ ମେଲିସା ଜେଫରସନ୍ ୧୦.୯୨ ସେକେଣ୍ଡର ଟାଇମିଂ ସହ ତୃତୀୟ ସ୍ଥାନରେ ରହି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅଲିମ୍ପିକ୍ସରେ ଏହା ସେଣ୍ଟ ଲୁସିଆର ପ୍ରଥମ ସ୍ୱର୍ଣ୍ଣ ପଦକ।

# ଗୋଟିଏ ପଦକ ଜିତିଲେ କେଉଁ ଦେଶ ଦିଏ କେତେ କୋଟି

ପ୍ୟାରିସ୍,୩।୧୭: ପ୍ୟାରିସ ଅଲିମ୍ପିକ୍ସ ୨୦୨୪କୁ ନେଇ ଭାରତୀୟ କ୍ରୀଡାପ୍ରେମୀମାନେ ଉତ୍ସାହିତ ଅଛନ୍ତି ଚଳିତ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ଭାବେ ମନୁ ଭାକର ଭାରତକୁ ୨ ପଦକ ଜିତାଇ ଇତିହାସ ରଚିଛନ୍ତି ମନୁ ଭାକର ଏୟାର ପିଷ୍ଟଲ ଶୁଟିଂରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି ।

ଅଲିମ୍ପିକ କ୍ରୀଡା ପଦକ ଜିତିଲେ ବିଭିନ୍ନ ଦେଶ ନିଜ ଖେଳାଳିଙ୍କୁ ଭିନ୍ନ ଭିନ୍ନ ପ୍ରାଇଜ ମନି ପ୍ରଦାନ କରିଥାନ୍ତି। କାରଣ ସେମାନେ ଦେଶ ପାଇଁ ଗର୍ବ ଓ ଗୌରବ ହାସଲ କରିଥାନ୍ତି । ଏହା ଦେଶ ତରଫରୁ ସେମାନଙ୍କ ପାଇଁ ଏକ ସମ୍ମାନ ସଦୃଶ ତେବେ ଆସନ୍ତୁ ଜାଣିବା କେଉଁ ଦେଶ ନିଜ ଅଲିମ୍ପିକ ଖେଳାଳିଙ୍କ ପାଇଁ କେତେ ଟଙ୍କାର ପ୍ରାଇଜ ମନି ପ୍ରଦାନ କରିଥାନ୍ତି।

ଜର୍ମାନୀ: ଜର୍ମାନୀରେ ଜଣେ ଅଲିମ୍ପିକ ଖେଳାଳି ସ୍ୱର୍ଣ୍ଣ ପଦକ ଜିତିଲେ ୧୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ରୌପ୍ୟ ପଦକ ଜିତିଲେ ୧୩ ଲକ୍ଷ ଏବଂ ବ୍ରୋଞ୍ଜ ପଦକ ଜିତିଲେ। ୯ ଲକ୍ଷ ଟଙ୍କା ପ୍ରାଇଜ ମନି ପ୍ରଦାନ କରାଯାଇଥାଏ।

ଆମେରିକା: ଆମେରିକାରେ ଅଲିମ୍ପିକ ଖେଳାଳି ସ୍ୱର୍ଣ୍ଣ ପଦକ ଜିତିଲେ ୩୧ ଲକ୍ଷ ଟଙ୍କା, ରୌପ୍ୟ ପଦକ ଜିତିଲେ ୧୮ ଲକ୍ଷ ଏବଂ ବ୍ରୋଞ୍ଜ ପଦକ ଜିତିଲେ ୧୨ ଲକ୍ଷ ଟଙ୍କା ପ୍ରାଇଜ ମନି ପ୍ରଦାନ କରାଯାଇଥାଏ।

ଫ୍ରାନ୍ସ: ଫ୍ରାନ୍ସରେ ଅଲିମ୍ପିକ ଖେଳାଳି ସ୍ୱର୍ଣ୍ଣ ପଦକ ଜିତିଲେ ୫୯ ଲକ୍ଷ ଟଙ୍କା, ରୌପ୍ୟ ପଦକ ଜିତିଲେ ୨୨ ଲକ୍ଷ ଟଙ୍କା ଏବଂ ବ୍ରୋଞ୍ଜ ପଦକ ଜିତିଲେ ୧୩ ଲକ୍ଷ ଟଙ୍କା ପ୍ରାଇଜ ମନି ପ୍ରଦାନ କରାଯାଇଥାଏ।

ଭାରତ: ଭାରତୀୟ ଖେଳାଳି ଅଲିମ୍ପିକ୍ସରେ ପଦକ ଜିତିଲେ ସେମାନଙ୍କ ପ୍ରାଇଜ ମନି କିଛି ନିଶ୍ଚିତ ନ ଥାଏ। ପ୍ରତିଥର ସରକାର ନୂଆ। ପ୍ରାଇଜ ମନି ଘୋଷଣା କରିଥାନ୍ତି। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ତରଫରୁ ମଧ ପଦକ ବିଜେତାଙ୍କୁ ପ୍ରାଇଜ ମନି ପ୍ରଦାନ କରାଯାଇଥାଏ ।

**ତାଇୱାନ:** ତାଇୱାନ ଖେଳାଳି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଲେ ୬ କୋଟି ଟଙ୍କା, ରୌପ୍ୟ ପଦକ ଜିତିଲେ ୨ କୋଟି ଟଙ୍କା ଏବଂ କାଂସ୍ୟ ପଦକ ବଜେତାଙ୍କୁ ୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ ।

**ସିଙ୍ଗାପୁର:** ସିଙ୍ଗାପୁରରେ ଅଲିମ୍ପିକ ଖେଳାଳି ସ୍ୱର୍ଣ୍ଣ ପଦକ ଜିତିଲେ ୬ କୋଟି ୨୦ ଲକ୍ଷ ଟଙ୍କା, ରୌପ୍ୟ ପଦକ ଜିତିଲେ ୩ କୋଟି ଏବଂ କାଂସ୍ୟ ପଦକ ଜିତିଲେ ୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ।

# ସ୍ୱର୍ଣ୍ଣ ଜିତିଲେ ନୋଭାକ ଜୋକଭିଚ୍

ପ୍ୟାରିସ,୪।୮: ପ୍ୟାରିସ ଅଲିମ୍ପିକ୍ସରେ ନିଜର ଅଧା ରହି ଯାଇଥିବା ସ୍ୱପ୍ନକୁ ପୂରଣ କରିଛନ୍ତି ଷ୍ଟାର ଟେନିସ ତାରକା ନୋଭାକ ଜୋକଭିଚ୍ ସର୍ବିୟାର ଏହି ଟପ୍ ସିଡ୍ ଖେଳାଳି ପ୍ରଥମଥର ପାଇଁ କୌଣସି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି।



ଆଜି ପୁରୁଷ ଏକକ ଟେନିସ ଫାଇନାଲରେ ସେ ସ୍ପେନର କାର୍ଲୋସ ଆଲକରାଜଙ୍କୁ ୭-୬(୭-୩) ଓ ୭-୬(୭-୨)ରେ ହରାଇ ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ୩୭ ବର୍ଷୀୟ ଜୋକଭିଚ୍ ଟେନିସ ଇତିହାସର ସବୁଠାରୁ ବୟସ୍କ ଖେଳାଳି ଭାବେ ଅଲିମ୍ପିକ୍ସରେ ଚାମ୍ପିୟନ ହେବାର ରେକର୍ଡ କରିଛନ୍ତି। ସ୍ପେନର ତାରକା ତଥା ୱେମ୍ବଲଡନ ଚାମ୍ପିୟନ ଆଲକରାଜଙ୍କ ପାଖରେ ସର୍ବକନିଷ୍ଠ ଖେଳାଳି ଭାବେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବାର ସୁଯୋଗ ହାତ ଛଡ଼ା କରିଛନ୍ତି। ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ଦୀର୍ଘ ୨ ଘଣ୍ଟା ୫୦ ମିନିଟ ଧରି ଦୁଇ ଖେଳାଳି ପରସ୍ପର ସହ ଲଢ଼େଇ କରିଥିଲେ ହେଁ ଜୋକଭିଚ ଶେଷରେ ବାଜି ମାରି ନେଇଛନ୍ତି ଉଭୟ ସେଟକୁ ସେ ଟ୍ରାଇ ବ୍ରେକରରେ ଜିତିଛନ୍ତି ୱେମ୍ବଲଡନ ଫାଇନାଲରେ ଆଲକରାଜ ଦମଦାର ଢଙ୍ଗରେ ଜୋକଭିଚଙ୍କୁ ହରାଇଥିଲେ ଆଜି ସେ ଏହାର ମଧୁର ପ୍ରତିଶୋଧ ମଧ ନେଇଛନ୍ତି।

# ଦ୍ୱିତୀୟ ଦିନିକିଆରେ ଭାରତ ପରାସ୍ତ

କଲମ୍ବୋ,୪।୮(ଏଜେନ୍ସି): କଲମ୍ବୋର ଆର.ପ୍ରେମଦାସା ଷ୍ଟାଡିୟମଠାରେ ଖେଳାଯାଉଥିବା ୨ୟ ଦିନିକିଆରେ ଭାରତକୁ ୩୨ ରନରେ ପରାସ୍ତ କରିଛି ଶ୍ରୀଲଙ୍କା । ଶ୍ରୀଲଙ୍କା ଦ୍ୱାରା ବିଜୟ ପାଇଁ ୨୪୧ ରନର ଲକ୍ଷ୍ୟ ରଖାଯାଇଥିବାବେଳେ ଭାରତ ୪୨.୨ ଓଭରରେ ୨୦୮ ରନ କରି ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ରୋହିତ ଶର୍ମା ଲଢୁଆ ଅର୍ଦ୍ଧଶତକ (୬୪ ରନ) ହାସଲ କରିଥିବାବେଳେ ଅକ୍ଷର ପଟେଲ ୪୪ ରନ, ଶୁଭମନ ଗିଲ ୩୫ ରନ କରିଥିଲେ। ଭାରତର ଦୁଇ ଓପନର ରୋହିତ ଓ ଶୁଭମନ ପ୍ରଥମ ୱିକେଟ ଯୋଡ଼ିରେ ୯୭ ରନ କରି ଏକ ଦୃଢ ମୂଳଦୁଆ। ସ୍ଥାପନ କରିଥିଲେ ବି ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ଚରମ ବିଫଳତା ଯୋଗୁଁ ଦଳ ୨୪୧ରେ ପହଞ୍ଚିପାରିନଥିଲା। ଶ୍ରୀଲଙ୍କା ସ୍ପିନର ଭାଣ୍ଡେରସେ ୬ ୱିକେଟ ନେଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

କଲମ୍ବୋରେ ଖେଳା ଯାଉଥିବା ଆଜିର ମ୍ୟାଚ୍‌ରେ ଶ୍ରୀଲଙ୍କାର ଅଧିନାୟକ ଚରିତ ଅସଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପ୍ରଥମ ବଲରେ ପଥୁମ ନିଶଙ୍କାଙ୍କୁ ମହମ୍ମଦ ସିରାଜ ଆଉଟ କରି ଭାରତକୁ ପ୍ରଥମ ଝଟକା ଦେଇଥିଲେ। ତେବେ ଅଭିସ୍କ ଓ କୁଶଲ ମେଣ୍ଡିସ ଦ୍ୱିତୀୟ ୱିକେଟ ପାଇଁ ୭୪ ରନ ଯୋଡ଼ିଥିଲେ। ୱାଶିଂଟନ ସୁନ୍ଦର ଉଭୟଙ୍କୁ ଆଉଟ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଅଭିସ୍କା ୬୨ ବଲରେ ୪୦ ଓ ମେଣ୍ଡିସ ୪୨ ବଲରେ ୩୦ ରନ କରିଛନ୍ତି।ତେବେ ଶ୍ରୀଲଙ୍କାର ମଧ୍ୟକ୍ରମ ପୁଣିଥରେ ସମସ୍ତଙ୍କୁ ନିରାଶ କରିଥିଲେ। ସଦୀରା ସମରାବିକ୍ରମା ୧୪, ଅଧିନାୟକ ଅସଲଙ୍କା ୨୫ ଓ ଜନିତ ଲିୟାନାଗେ ୧୨ ସଅଳ ପ୍ୟାଭିଲିୟନ ଫେରିଥିଲେ। ତେବେ ଗତ ମ୍ୟାଚ୍‌ର ହିରୋ ଦିନୁତ ଲୋଲାଗେ ଓ କାମିନ୍ଦୁ ମେଣ୍ଡିସ ସ୍ଥିତି ସମ୍ଭାଳିଥିଲେ।ଏଥିସହ ଶ୍ରୀଲଙ୍କାର ସ୍କୋର ୧୩୬ରୁ ନେଇ ୨୦୮ରେ ପହଞ୍ଚାଇ ଦେଇଥିଲେ। ଦଳୀୟ ସ୍କୋର ୨୦୮ ଥିବା ବେଳେ ଲୋଲାଗେ ୩୯ଙ୍କୁ ଆଉଟ କରି କୁଲଦୀପ ଯାଦବ ଶ୍ରୀଲଙ୍କାକୁ ୭ମ ଝଟକା ଦେଇଥିଲେ ଆଉ ୩୧ ରନ ପରେ ତଥା ଇନିଂସ ସରିବାକୁ ଦୁଇଟି ବଲ ଥିବା ବେଳେ କାମିନ୍ଦୁ ମେଣ୍ଡିସ ୪୦ ରନ କରି ରନ ଆଉଟ ହୋଇଥିଲେ।ଶେଷ ବଲରେ ୨ ରନ ନେବା ଲୋଭରେ ଅକିଲା ଧନଞ୍ଜୟ ମଧ ୧୫ ରନ କରି ରନ ଆଉଟ ହେବା ସହ ଶ୍ରୀଲଙ୍କା ଇନିଂସ ୨୪୦ ରନରେ ଅଟକି ଯାଇଥିଲା ଶ୍ରୀଲଙ୍କା ୨୪୦ ରନ କରିଥିବାରୁ ଭାରତକୁ ୨୪୧ ରନର ଟାର୍ଗେଟ ମିଳିଛି। ଭାରତ ପକ୍ଷରୁ ୱାଶିଂଟନ ସୁନ୍ଦର ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ କୁଲଦୀପ ୨ଟି, ମହମ୍ମଦ ସିରାଜ ଓ ଅକ୍ଷର ପଟେଲଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ